
ପିଲାଙ୍କ ଗପ ବହି



# ଗଛ, ମଣିଷ ଓ ପଶୁପକ୍ଷୀଙ୍କ ଗପ

ଲେଖିକା : ଚିନ୍ମୟୀ ପଣ୍ଡା

ପ୍ରକାଶକ : ବର୍ଷା ପବ୍ଲିକେସନ୍
୭୨୨(ପି), ଗୋପବନ୍ଧୁ ନଗର, ୟୁନିଟ୍-୮
ଭୁବନେଶ୍ୱର-୧୨

**ଗଛ, ମଣିଷ ଓ ପଶୁପକ୍ଷୀଙ୍କ ଗପ**

**ଲେଖିକା : ଚିନ୍ମୟୀ ପଣ୍ଡା**

ପ୍ରଥମ ସଂସ୍କରଣ: ମେ-୨୦୨୨

GACHHA-MANISHA o PASHUPAKHINKA GAPA
Odia Childrens Story Collection of Chinmayee Panda

Printed & Published By : BARSHA PUBLICATION
Plot No; 722 (P), Gopabandhu Nagar, Unti-8
Bhubaneswar-7510012
Mob: 9778035767

First Edition : May-2022
Cover Design: Chinmayee Panda

Rs. 150.00
(Rupees One Hundred Fifty Only)



## ଏଥିରେ ଅଛି


| | |
|---|---|
| ଅତି ପ୍ରଶଂସା ଭୟଙ୍କରୀ | ୭ |
| ସୂର୍ଯ୍ୟ ଭାଙ୍ଗିଗଲା | ୧୨ |
| ଟୁଣ୍ଟୁଣିର ଜୋତା | ୧୬ |
| ଗୀତ ଗାଉଥାଏ ସାଧବ ବୋହୂ | ୨୧ |
| ଲଣ୍ଡା ପାହାଡ଼ ଓ ଗଛର କାହାଣୀ | ୨୬ |
| ସୂର୍ଯ୍ୟମୁଖୀର ଦୁଃଖ | ୩୦ |
| ଡ୍ରାଗନ୍ ଓ ମେଘ ଲଢ଼େଇ | ୩୬ |
| ରୋହି ଓ ମୋତି | ୩୯ |
| ସୁନ୍ଦର କିଏ... ? | ୪୧ |
| ନଣ୍ଟୁ ଓ ଅକ୍ଟୋପସ୍ | ୪୪ |
| ଗୁଡୁଲ୍ ଓ ଜହ୍ନମାମୁଁ | ୪୭ |
| ମୂଷା ରାଜ୍ୟରେ ଦିନେ | ୫୨ |
| ସମସ୍ତେ ସୁନ୍ଦର | ୫୯ |
| ହାତୀ ଓ ସିଂହର ଲଢ଼େଇ | ୬୨ |
| ମୁଁ ହସିବି ଖୁସି ରହିବି | ୬୫ |
| ପପୁଲ୍, ଗୁଡୁ ଓ ବବି | ୬୮ |
| ମଣିଷ ମିଛ କହି ଶିଖିଲା କାହିଁକି ? | ୭୧ |

ପିଲାମାନଙ୍କ ପାଇଁ ଦୁଇପଦ...





# ଅତି ପ୍ରଶଂସା ଭୟଙ୍କରୀ

ଜଙ୍ଗଲ ତ ଜଙ୍ଗଲ, ଭୟଙ୍କର ଆଉ ଦୁର୍ଗମ। ସେଠି ଯୋଉ ରାଜା ଆଉ ମନ୍ତ୍ରୀ ତାଙ୍କ କଥା ହେଲା ଆଇନ। ସେ ଯଦି ଆଜି କହିବେ ସେଇଟା ଆଇନ୍ ପୁଣି କାଲି ଯାହା କହିବେ ତା' ବି ଆଇନି। କୋଉଠି ଲିପିବଦ୍ଧ ତ ହେଇନି। ତେଣୁ ପ୍ରଜାମାନଙ୍କୁ ସେଠାରେ ବହୁତ ଦେଖି ଚାହିଁ ରହିବାକୁ ହୁଏ।

ରାଜା ହେଲେ ସିଂହ। ସୁନେଲି ରଙ୍ଗର ବଡ଼ ବିଶାଳ ବଳଶାଳୀ ସିଂହରାଜା। ମନ୍ତ୍ରୀ ହଉଛନ୍ତି କଳାଭାଲୁ। ବାଘମାମୁ ହେଲେ ସେନାପତି। ଏଇ ତିନିଙ୍କୁ ନେଇ ଜଙ୍ଗଲର ସମସ୍ତ ତଦାରଖ ହୁଏ। କହିବାକୁ ଗଲେ ଜଙ୍ଗଲ ରାଜ୍ୟ ଚାଲେ। ଏମାନେ ରହନ୍ତି ଜଙ୍ଗଲର ସବୁଠାରୁ ଭଲ ସ୍ଥାନରେ। ଯୋଉଠି ଗଛର ପତ୍ରଛାଇରେ ନା'ଖରା ନା'ବର୍ଷା ପଡେ। ତଳେ ମାଟି ବି ସନ୍ତସନ୍ତିଆ ନଥାଏ। ରାଜାଙ୍କ




ସେବାରେ ଅନେକ ପଶୁପକ୍ଷୀ ନିଯୁକ୍ତ ଥାଆନ୍ତି । କିଏ ଖାଇବା ତିଆରି କରି ପରଷି ଦେଲାଣି ତ'ଆଉ କେହି ବଡ଼ପତ୍ର ଆଣି ବିଞ୍ଚିବାରେ ଲାଗିଲାଣି । କୋଇଲି ଗୀତ ଶୁଣେଇଲାଣି ତ' ମୟୂର ମୟୂରୀ ଦରବାରର ନର୍ତ୍ତକ ନର୍ତ୍ତକୀ ସାଜିଲେଣି ।

ତୋଷାମଦକାରୀଙ୍କ ସଂଖ୍ୟାବି ବଢ଼ିବାରେ ଲାଗିଥାଏ । ତେବେ ଗୋଟିଏ ବୁଢ଼ା ମାଙ୍କଡ଼ ଥାଏ । ସିଂହରାଜାଙ୍କ ଗୁଣଗାନ କରିକରି ସେ ତାଙ୍କୁ ସତେ ଯେପରି କିଣି ସାରିଥାଏ । ମହାରାଜ ! ଆପଣଙ୍କ ଭଳି ଗୁଣି, ଜ୍ଞାନୀ, ବଳଶାଳୀ ସିଂହରାଜା ନା କେବେ ଆଗରୁ ଥିଲେ ନା ଅଛନ୍ତି । ମହାରାଜା, ପୁରା ଦୁନିଆରେ ଯେତେକ ସିଂହ ଅଛନ୍ତି ଆପଣ ସବୁଠାରୁ ବୀର ।

ଏହିପରି କଥା କହି ବୁଢ଼ା ମାଙ୍କଡ଼ ସବୁ ରାଜକୀୟ ସୁବିଧା ପାଉଥାଏ । ଜଙ୍ଗଲର ଯେତିକି ପାଠପଢୁଆ ପିଲା ଥିଲେ ସମସ୍ତଙ୍କ ମଧ୍ୟରେ ବୁଦ୍ଧିଆ ଥିଲା ସୁନେୟନା

ହରିଣ। ନୂଆପିଢ଼ିର ପିଲାସବୁ ଖୁବ୍ ବୁଦ୍ଧିଆ। ନୂତନ ଜ୍ଞାନକୌଶଳରେ ଉନ୍ନତ ସେମାନଙ୍କ ମସ୍ତିଷ୍କ। ପିଲାଏ ଚାହୁଁଥିଲେ ଏହି ପୁରୁଣାଶାସନଓଶାସକଙ୍କୁନୂତନଜ୍ଞାନକୌଶଳରେ ଶିକ୍ଷିତ କରାଇବା ପାଇଁ। କିନ୍ତୁ ସିଂହରାଜା ପାଖେ କଥା ପହଞ୍ଚିବା ଆଗରୁ ତୋଷାମଦକାରୀଙ୍କ ଦ୍ୱାରା କଥାଟି ନାକଚ ହୋଇଯାଉଥାଏ।

ଏହି କାରଣରୁ ରୋଷ ହୋଇ ସମସ୍ତ ଯୁବ ପଶୁମାନେ ଆନ୍ଦୋଳନ କଲେ। ଅନ୍ୟ ପଶୁମାନେ ରାଜାଙ୍କ ପାଖେ ଫେରାଦ ହେଲେ। ସେ ରାଜା ପିଲାମାନଙ୍କ କଥା ଶୁଣିବା ଦରକାର। ଏମିତିକି ମନ୍ତ୍ରୀ ବାଘମାମୁଙ୍କ ଝିଅ ଓ ସେନାପତି ଭାଲୁଙ୍କ ପୁଅ ବି ଆନ୍ଦୋଳନରେ ସାମିଲ ଥାଆନ୍ତି। ସିଂହରାଜା ପିଲାଙ୍କୁ ନିମନ୍ତ୍ରଣ କଲେ କଥାବାର୍ତ୍ତା ପାଇଁ। ରାଜା, ମନ୍ତ୍ରୀ, ସେନାପତି ଓ ଅନ୍ୟମାନେ ବସିଲେ ଉପଯୁକ୍ତ ଆସନରେ।





ଠିକ୍ ତାଙ୍କ ସାମ୍ନାରେ ବସିଲେ ଆନ୍ଦୋଳନକାରୀ ପିଲା ପଶୁମାନେ। ଆଉ ମଝିରେ ବସିଲେ କିଛି ତୋଷାମଦକାରୀ ସବୁଠାରୁ ସାମ୍ନାରେ ଥିଲା ବୁଢ଼ାମାଙ୍କଡ଼।

ଆନ୍ଦୋଳନକାରୀଙ୍କ ମୁଖପାତ୍ର ଥିଲା ସୁନେୟନା ହରିଣ ଓ ରାଜାଙ୍କ ତରଫରୁ ମୁଖପାତ୍ର ଥିଲା ବୁଢ଼ାମାଙ୍କଡ଼।

ମହାରାଜ ଆଜି ପୁରା ଦୁନିଆ ଏକ ହୋଇ ନୂତନ ଜ୍ଞାନକୌଶଳକୁ ନିଜର କରି ମହାନ କାର୍ଯ୍ୟସବୁ କରିପାରୁଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଖୁବ୍ ଉନ୍ନତ ହେଲାଣି। ଆମ ପାଖେ କିଛି ବି ଉପଲବ୍ଧ ହୋଇପାରୁନି। ଆମେ ଚାହୁଁଛୁ ଆମ ରାଜ୍ୟ ମଧ୍ୟ ଅନ୍ୟମାନଙ୍କ ଭଳି ଏହି ସୁବିଧା ସୁଯୋଗ ପାଉ। ସୁନେୟନା କଥା ଆରମ୍ଭ କଲା। 'ଆମ ରାଜା ସମସ୍ତ ଜ୍ଞାନର ଅଧିକାରୀ। ସେସମସ୍ତଙ୍କ ଠାରୁ ବୀର। ଦୁନିଆର ଏମିତି କିଛି ଜ୍ଞାନ ନାହିଁ ଯାହା ସେ ନଜାଣନ୍ତି।

ବୁଢ଼ାମାଙ୍କଡ଼ କହିଲା। ସିଂହରାଜା ଜାଣିବାକୁ ଚାହୁଁଥିଲେ ଯେ, ପ୍ରକୃତରେ ପିଲାମାନେ କ'ଣ ଚାହାନ୍ତି। କିନ୍ତୁ ବୁଢ଼ାମାଙ୍କଡ଼ର କଥାରେ ସେ ବି ଭଳିଗଲେ। ଏହିକଥା ତ

ଅଜ୍ଞାନୀମାନେ କୁହନ୍ତି। ପ୍ରତ୍ୟେକ ଦିନ ଏକ ନୂତନ ଦିନ ଆମ ପାଇଁ। ଏହି ଦୁନିଆ ଜ୍ଞାନର ଗନ୍ତାଘର। ସିଂହରାଜାଙ୍କ ଜ୍ଞାନ ଥାଇପାରେ କିନ୍ତୁ ତାହା ପୁରୁଣା ହୋଇସାରିଛି। ତେଣୁ ସେ ନୂତନ ଜ୍ଞାନ ଆହରଣ କରି ନୂତନ ଆଇନ କାନୁନ୍, ଶିକ୍ଷାବ୍ୟବସ୍ଥା ଇତ୍ୟାଦିକୁ ପ୍ରଚଳନ କରିବା ଦରକାର। ନହେଲେ ଆମହାତରେ ସେ ଦାୟିତ୍ୱ ଦିଆଯାଉ- ସୁନେୟନା କହିଲା।

ଅସମ୍ଭବ! ସିଂହରାଜାଙ୍କ ସହିତ ସବୁପ୍ରକାର ଜ୍ଞାନ ଜନ୍ମ ନିଅନ୍ତି। ସେ ଯାହା କହନ୍ତି ତାହା ଆଇନ। ରାଜା ଚାହିଁଲେ ତୁମ ସମସ୍ତଙ୍କୁ ମାରିଦେବେ। ବୁଢ଼ାମାଙ୍କଡ଼ ରାଗରେ କହିଲା।

ରାଜା, ମନ୍ତ୍ରୀ ଓ ସେନାପତି ଜଙ୍ଗଲ ରାଜ୍ୟର ନିଷ୍ପତ୍ତି ଚାହୁଁଥିଲେ। ରାଜା ମଧ୍ୟ ବୁଢ଼ାମାନଙ୍କର କଥାରେ କ୍ରୋଧିତ ଥିଲେ।

ରାଜା କ'ଣ ସତରେ ଏମିତି ଭାବନ୍ତି। ସୁନେୟନା କହିଲା।

ବୁଢ଼ାମାଙ୍କଡ଼ କହିଲା। ହଁ! ହଁ! ରାଜାଙ୍କୁ ମୋ ଠାରୁ ଅଧିକା କିଏ ଜାଣେ ? ରାଜା ଯିଏ ମୁଁ ସିଏ। ମୁଁ କହୁଛି ମାନେ ରାଜା କହୁଛନ୍ତି।

ସିଂହରାଜା ନିଜ ଆସନରୁ ଉଠିଆସି ବୁଢ଼ାମାଙ୍କଡ଼କୁ ମାଡ଼ି ବସିଲେ। ସେନାପତି ବୁଢ଼ାମାଙ୍କଡ଼କୁ ପିଞ୍ଜରାରେ ପୂରାଇ ରାଜ୍ୟ ବାହାରକୁ ପଠାଇ ଦେଲେ। ସିଂହରାଜାଙ୍କ ଦୃଢ଼ ସ୍ୱର ଘୋଷଣା ଶୁଣାଗଲା। ଆଜିଠାରୁ କେହି ଚାଟୁକାର ରହିବେ ନାହିଁ। ପିଲାଏ ଶୁଣ! ମୋର ସ୍ୱଅର୍ଜିତ ଜ୍ଞାନ ତୁମକୁ ଦେବାକୁ ଚାହୁଁଛି। ପ୍ରଶଂସା ଭଲ କିନ୍ତୁ ଅତି ପ୍ରଶଂସା ତୁମକୁ ଅନ୍ଧ କରିଦିଏ। ଆଜି ପର୍ଯ୍ୟନ୍ତ ମୁଁ ଅନ୍ଧ ଥିଲି। ଆଜି ମୁଁ ଜାଣୁଛି ତୁମେମାନେ ଯାହା କହୁଛ, ତାହା କେତେ ଦରକାରୀ। ତାହା ଆମ ରାଜ୍ୟର ହୀତ ପାଇଁ। ମୁଁ ତୁମମାନଙ୍କ ଦାୟିତ୍ୱରେ ରାଜ୍ୟର ଶିକ୍ଷାପ୍ରଣାଳୀ ନ୍ୟସ୍ତ କରିବାକୁ ଚାହୁଁଛି। ଖୁବ୍ ଶୀଘ୍ର ଆଇନ ବ୍ୟବସ୍ଥାର ମଧ୍ୟ ଲିଖିତ ରୂପ ପ୍ରକାଶ ପାଇବ।

ସମସ୍ତେ ଖୁବ୍ ଆନନ୍ଦିତ ହେଲେ ଓ ଚାଟୁକାର ବ୍ୟବସ୍ଥାର ଅନ୍ତ ହେଲା। ତେଣୁ ଜଙ୍ଗଲର ଉନ୍ନତି ଆରମ୍ଭ ହେଲା।

⊜⊜⊜



# ସୂର୍ଯ୍ୟ ଭାଙ୍ଗିଗଲା

ଯେବେଠୁ କୁକ୍ କି ବତକଟା ବଡ଼ ହେଇଛି ଭାରି ଯୋର ସ୍ୱରରେ କଥା କହୁଛି। ଫାଜିଲଏକଦମ୍। କେବେ ତା'ର ଡେଇଁବାକୁ ଇଛା ହୁଏ କେବେ ଗାଇବାକୁ ଓ କେବେ ନାଚିବାକୁ। ପୁଚୁପାରା, ଲୁଟୁବଣି ତା'ର ସାଙ୍ଗ। ସାଙ୍ଗମାନେ ଖାଲି ସାଙ୍ଗ ନୁହଁ ମ! ଜୀବନ ଦେବା ନେବା ସାଙ୍ଗ। ସହର ଶେଷମୁଣ୍ଡରେ ଆଉ କିଛି ପକ୍ଷୀ ଛୁଆଙ୍କ ସାଥିରେ ମିଶି ଏମାନେ ବହେ ବଦମାସି କରନ୍ତି।

ଦି'ଦିନ ବର୍ଷା ଚାଲିଥାଏ। ମା'ମାନେ ଘରୁ ବାହାରିବା ପୁରା ବନ୍ଦ କରେଇ ଦେଇଥିଲେ ପିଲାମାନଙ୍କୁ। ଆଜି ସବୁ ବାହାରିଛନ୍ତି ବାହାରକୁ। ବାଃ କି ମଜା। ଘରେ ରହି ଖାଲି ପାଠ ପଢ଼ିବାକୁ କହୁଥିଲା ମା। କୁକ୍ କି ତା ବେଢ଼ଙ୍ଗ ଗୀତ ଆରମ୍ଭ କରିଛି।

ଘୁଷୁରି ଛୁଆଟେ ଆସି ପାଳି ଯୋଡ଼ିଛି ଓଏଙ୍କ...ଓଏଙ୍କ... ଲୁଟୁ ବଣି ଡେଣା ଖୋଲି ଖୋଲି ପାଦରେ ତାଳ ଦେଇ ନାଚୁଛି । ମଝିରେ ମଝିରେ କିରିଂ... କିରିଂ..... ଶବ୍ଦ କରୁଛି । ପୁଚୁ ପାରା କୋଉଠୁ କେଜାଣି ଧଇଁସଇଁ ହେଇ ଉଡ଼ିଉଡ଼ି ଆସି ପହଞ୍ଚିଲା । ସେ ତ ଜୋର ଶବ୍ଦ କରି ଜାଣେନି । ତଳେ ବସି ପାଣି ଟିକେ ପିଇ କହିଲା, 'ସୂର୍ଯ୍ୟ ତଳେ ପଡ଼ିଥିଲା । ସୂର୍ଯ୍ୟ ଖସିପଡ଼ିଥିଲା । ତାଙ୍କ ଉପରେ ଗାଡ଼ି ଚଢ଼ିଗଲା । ସୂର୍ଯ୍ୟ ଖଣ୍ଡ ଖଣ୍ଡ ହେଇଗଲା । ସବୁଚୁପ୍ ହେଇ ତା କଥା ଶୁଣୁଥିଲେ । ପାଖଗଛରେ ଶୋଇଥିଲା ପେଚାଟା ପାଟିକଲା । ହେ ! ଚୁପ୍ ବସ ପିଲାମାନେ । କହିଲା କ'ଣନା ସୂର୍ଯ୍ୟ ପଡ଼ିଗଲା । ସେ ପୁଣି ଘୁମେଇ ଶୋଇପଡ଼ିଲା ।

ତାହେଲେ ଆଉ ସକାଳ ହବନି । ସକେଇ ସକେଇ କହିଲା କୁକୁଡ଼ା ଚିଆଁଟିଏ ।

'ମାମା ମତେ ଘରୁ ଛାଡ଼ିବନି । କହିଲା କୁକ୍କି । ଶୁଆଟିଏ ଉଡ଼ିଯାଉଥିଲା । କେଁର୍...କେଁର୍.... ହେଇ ଆସି ପାଖ ଡାଳରେ ବସିଲା । କଣ ହେଲାରେ ପିଲେ !



ପଚାରିଲା ଶୁଆ। ସୂର୍ଯ୍ୟ ଭାଙ୍ଗିଗଲା। କାନ୍ଦିକାନ୍ଦି କହିଲା ପୁଚୁପାରା। ହେଁ... ସୂର୍ଯ୍ୟ ଭାଙ୍ଗିଗଲା ? ସେଥିପାଇଁ ଦେଖେ... କାହିଁ ଟିକିଏ ଖରା ଆସିଥିଲା ପୁଣି ମେଘ ଆସିଲାଣି। କହିଲା ଶୁଆ। 'ହଁ ! ହଁ! ସେତେବେଳେ ସୂର୍ଯ୍ୟ ତଳେ ପଡ଼ିଗଲା। କହିଲା ପୁଚୁ। ତା ଉପରେ ଗାଡ଼ିଟିଏ ଚଢ଼ିଗଲା ଆଉ ସେ ଭାଙ୍ଗିଗଲା। ଛିଟକୁ ଥିଲାଯେ କାଳେ ମୋ ଉପରେ ପଡ଼ିବ ଭାବି ଆସିଗଲି। ପୁଣି କହିଲା ପୁଚୁ ପାରା।

ବର୍ଷା ଟୋପେ ଟୋପେ ପଡ଼ିଲାଣି। କଜଳପାତି ଆସି ଚା....ଲ....ରେ....ପିଲେ....। ଡାକ ଦେଇଗଲାଣି। ପିଲାଙ୍କର ସେଆଡ଼େ ନିଘା ନାହିଁ। ସୂର୍ଯ୍ୟ ପରା ଭାଙ୍ଗି ଯାଇଚି।

ମିଟିଙ୍ଗ୍ ବସିଲା ଗଛତଳେ। କୋଉ ଗଛ ? ବରଗଛ ତଳେ ମିଟିଙ୍ଗ୍ ବସିଛି। କ'ଣ କରାଯିବ ? ସୂର୍ଯ୍ୟକୁ କେମିତି ପୁଣି ଯୋଡ଼ାଯିବ। କୁକ୍ଲି କହିଲା, ଚାଲ ଯାଇ ସେଇ ଜାଗାରେ ପହଞ୍ଚିବା। ବର୍ଷା ଯୋର ହଉନି। ଘରେ କେହି କିଛି କୁହନି ଚାଲ। ସମସ୍ତେ ଚାଲ କହି ପ୍ରବଳ ଉତ୍ସାହରେ ମାଡ଼ି ଚାଲିଲେ। ପୁଚୁ ରହିଲା ଆଗରେ। ଆରେ ! ସେ ରାସ୍ତା ଦେଖେଇବନା'। କୁମ୍ଭାଟୁଆଟିଏ ସବୁ ଦେଖୁଥିଲା, ଶୁଣୁଥିଲା। ସେ ଓ କଜଳପାତି ସୋନା ହଳଦି ବସନ୍ତକୁ ଧରି ଲୁଚିଲୁଚି ଚାଲିଲେ ପିଲାଙ୍କ ପଛେପଛେ।

ପୁଚୁ ଗୋଟିଏ ଜାଗାରେ ଓହ୍ଲେଇଲା ତଳକୁ। ସମସ୍ତେ ଓହ୍ଲାଇଲେ।

ମୁଁ ତ ସୂର୍ଯ୍ୟକୁ ଏଇଠି ଦେଖିଥିଲି। କହିଲା ପୁଚୁ।

କାଇଁ! ନାଇଁ! ତ ... ସୂର୍ଯ୍ୟ କାଇଁ ? କହିଲା ଲୁଟୁ ବଣି।

କୁକ୍ଲି କହିଲା, ସୂର୍ଯ୍ୟ ମରିଗଲା।' ସବୁ ପକ୍ଷୀମାନେ ଦୁଃଖରେ ବସିବା ଦେଖି କଜଳପାତି ଗଲା ସେମାନଙ୍କ ପାଖକୁ। ସବୁ ଶୁଣି ଯୋର ହସିଲା। କୁମ୍ଭାଟୁଆ କହିଲା, ପିଲାମାନେ ପାଠ ପଢ଼ିବା କେତେ ଜରୁରି ଜାଣିଛ ? ତମେମାନେ ପାଠ ପଢ଼ିଥିଲେ ଜାଣିପାରନ୍ତେଯେ ସୂର୍ଯ୍ୟ ପଡ଼ିବନି।

ମୁଁ ତ ଦେଖିଛି। ଏଇଠି ସୂର୍ଯ୍ୟ ଏମିତି ପଡ଼ିଥିଲା' କହି ପୁଚୁ ତଳେ ଚିତ୍ ହେଇ ପଡ଼ି ଦେଖେଇଲା। ତାକୁ ଦେଖି ସବୁ ପକ୍ଷୀଛୁଆ ହସିଲେ ଯୋର। କାହିଁକି ହସୁଛ ?

ମୁଁ ସତ କହୁଛି । ଚକଚକିଆ ସୂର୍ଯ୍ୟ ଖସିକି ଏଇଠି ପଡ଼ିଥିଲା । ଗାଡ଼ିଟେ ତା'ଉପରେ ଚଢ଼ିଗଲା । ପୁଚୁ ପାରା ବ୍ୟସ୍ତ ହେଇ କହିଲା ।

ହଳଦି ବସନ୍ତ କହିଲା– ବର୍ଷାରେ ଏଇଠି ପାଣି ଜମିଥିଲା । ସେଥିରେ ସୂର୍ଯ୍ୟଙ୍କ ମୁହଁ ଦେଖା ଯାଉଥିଲା । ତା' ଉପରେ ଗାଡ଼ିଟିଏ ଯିବାବେଳେ ପାଣି ଦୋହଲିଗଲା । ସୂର୍ଯ୍ୟଙ୍କ ପ୍ରତିବିମ୍ବ ବି ଦୋହଲି ଗଲା । ଆଉ ଆମ ପୁଚୁ ଭାବିଲା ସୂର୍ଯ୍ୟ ଭାଙ୍ଗିଗଲା । ପ୍ରତିବିମ୍ବ ? ସେ କ'ଣ ? ସବୁ ପକ୍ଷୀଛୁଆ ପଚାରିଲେ । ଆଗରେ ଜମିଥିବା ପାଣିରେ ନିଜ ପ୍ରତିବିମ୍ବ ଦେଖାଇ କୁମ୍ଭାଟୁଆ କହିଲା, ଦେଖିଲ ସେଇଠି କିଏ ଅଛି । କଜଳପାତି ଗୋଡ଼ିଟିଏ ଟପ୍ କିନି ପାଣିରେ ପକେଇବାରୁ ପାଣି ଦୋହଲିଗଲା ।

ହଁ ଏମିତି ସୂର୍ଯ୍ୟ ଭାଙ୍ଗି ଯାଇଥିଲା । ପୁଚୁ ପାରା ପାଟି କଲା ।

କିନ୍ତୁ ମୁଁ ତ ଠିକ୍ ଅଛି, କୁମ୍ଭାଟୁଆ କହିଲା ।

ଉପରେ ଆକାଶରେ ବାଦଲ ଫାଙ୍କରୁ ସୂର୍ଯ୍ୟ ବି ମୁରୁକି ହସିଲେ । ସେହି ପାଣିରେ ପିଲାମାନେ ବି ସୂର୍ଯ୍ୟଙ୍କୁ ଦେଖିଲେ ।

'ହେଏଏଏଏ....' ଚିଲ୍ଲେଇଲେ ଖୁସିରେ । ପୁଚୁ ଚାରିପଟେ ବୁଲି ଡେଇଁ ଗାଇଲେ–

ଆମ ସୂର୍ଯ୍ୟ ପଡ଼ିନି,
ଆମ ସୂର୍ଯ୍ୟ ଭାଙ୍ଗିନି,
ଆମ ପୁଚୁ ବାୟାଣି ।






# ଟୁଣୁଟୁଣିର ଜୋତା

ଟୁଣୁଟୁଣିର ଭାରି ଇଚ୍ଛା ସେ ସ୍କୁଲ ଯିବ । କେତେଥର ଯାଇ ସ୍କୁଲ ପାଖେ ବସି ସେ ପିଲାମାନଙ୍କୁ ଦେଖିକି ଆସିଛି । ସୁନ୍ଦର ପୋଷାକ ପିନ୍ଧି, ଜୋତା, ମୋଜା ଓ ପିଠିରେ ବେଗ ଧରି ସ୍କୁଲ ଯାଆନ୍ତି ।

ଆଜୁରୁ ବାଜୁରୁ ଗପୁଥିବା ପିଲାମାନଙ୍କୁ ଦେଖି ଝୁଣୁଝୁଣି ବହୁତ ଖୁସି ହୁଏ । ସ୍କୁଲ ପାଖ ଗଛରେ ହିଁ ସେ ବସିଥାଏ ।

ଦିନେ ତା ମାମାକୁ କହିଲା

"ମାମା, ମୁଁ ବି ସ୍କୁଲ ଯିବି।''

"ଆଉ ଟିକିଏ ବଡ଼ ହେଇ ଯାଆ'', ମାମା ପକ୍ଷୀ କହିଲା।

"କେତେ ବଡ଼ ହେବି ଯେ! ଏତେ ବଡ଼ ହେଲିଣି ତ!''

ଟୁଣୁଟୁଣି କହିଲା।

"ତୋ ଡେଣା ଆଉ ଟିକିଏ ଟାଣ ହଉ।'' ମାମା କହିଲା, ପୁଣି କିଛି ଦିନ ଗଲା।

ଟୁଣୁଟୁଣିକୁ ପୁଣି ଇଚ୍ଛା ହେଲା ସ୍କୁଲ ଯିବ।

ମାମା ପକ୍ଷୀ ସବୁ ଯୋଗାଡ଼ କରିବାରେ ଲାଗିଗଲା।

"ମାମା ମତେ ଯୋତା ଦରକାର।'' ଝୁଣୁଝୁଣି କହିଲା, ସ୍କୁଲ ଜୋତା କିଣିବାକୁ ଟୁଣୁଝୁଣି ମାମା ସାଥିରେ ଦୋକାନ ଗଲା।

ଦୋକାନରେ ଜୋତା ଦେଖି ମାମାର ମନ ଦୁଃଖ। ଜୋତା କିଣା ନହିବାରୁ





ଝୁଣୁଝୁଣିର ମନ ଦୁଃଖ।

ଏଁ... ଏଁ... ଏଁ... କାନ୍ଦି କାନ୍ଦି ଘରକୁ ଫେରିଲା।

ରାଗିକି ବସିଲା। ଖାଇବା ନାହିଁ କି ଶୋଇବା ନାହିଁ। ମୁହଁଟା ଫୁଲି ଏଡେ।

"ଶୁଣ ଟୁଣୁଟୁଣି। ମୁଁ କାହିଁକି ଆଣିଲିନି ଜାଣିଛୁ ? କହିଲା ମାମା ପକ୍ଷୀ।

"କାହିଁକି...ଏଁ.... କାହିଁକି ? କାନ୍ଦି କାନ୍ଦି କହିଲା ଝୁଣୁଝୁଣି।

"ଦେଖ ଝୁଣୁଝୁଣି ସେ ଜୋତା ସବୁ ଚମଡ଼ାରୁ ତିଆରି। କହିଲା ମାମା।

"ଚମଡ଼ା ?'' ଆଶ୍ଚର୍ଯ୍ୟରେ କହିଲା ଟୁଣୁଟୁଣି।

"ହଁ ଚମଡ଼ା । ମରିଯାଇଥିବା ପଶୁପକ୍ଷୀଙ୍କ ଚମଡ଼ାରେ ତିଆରି ହୋଇଥିଲା ଜୋତା । ସେଥିପାଇଁ ଆଣିଲି ନାହିଁ । କ'ଣ ତୁ ଭଲପାଇବୁ ମରିଯାଇଥିବା ପଶୁପକ୍ଷୀଙ୍କ ଦେହରୁ ବାହାର କରି ଚମଡ଼ାରେ ତିଆରି ଜୋତା ପିନ୍ଧିବାକୁ ?'' ମାମା କହିଲା ।

ଟୁଣୁଟୁଣି ଆଖିରୁ ଦି ଟୋପା ଲୁହ ଗଡ଼ିଗଲା ।

"ନାଁ ! ମାମା ମୁଁ ପିନ୍ଧିବିନି ଜମଡ଼ା ତିଆରି ଜୋତା । ଦୁଃଖରେ କହିଲା ଟୁଣୁଣୁଣି ।

ପୁଣି ଯାଇ ସ୍କୁଲ ପାଖେ ବସିଲା ପିଲାଙ୍କୁ ଦେଖି ଖୁସି ହେଲା । ସ୍କୁଲ ଯାଇ ପାରୁନି ବୋଲି ଦୁଃଖ ବି କଲା ।

ମାମା ଆଉ ଗୋଟିଏ ଜୋତା ଦୋକାନକୁ ଯିବା । ଯଦି ଅଲଗା କିଛି ଜୋତା ମିଳିଯିବ । ଟୁଣୁଟୁଣି କହିଲା ।

ହଉ ଚାଲ ତେବେ, କହିଲା ମାମା ।

ପୁଣି ଗଲେ ଟୁଣୁଟୁଣି । ମାମା ଏଥର ସାଥିରେ ବାବା ଗଲେ ।

ତିନିଜଣ ମିଶି ଜୋତା କିଣିବାକୁ ପଶିଲେ ଗୋଟିଏ ଦୋକାନରେ ।

"ଚମଡ଼ାରେ ତିଆରି ହୋଇ ନଥିବା ଜୋତା ଦେଖେଇଲେ । କହିଲା ବାବା ।

ଚକମକିଆ ଜୋତା ଗୋଟିଏ ଆଣି ଦୋକାନି ଦେଖେଇଲେ ।

"ଆହା ! କି ସୁନ୍ଦର" କହିଲା ଟୁଣୁଟୁଣି ।

ଏଥର ବାପା ପକ୍ଷୀ ମୁଣ୍ଡ ହଲେଇ ମନା କଲା ।

ପୁଣି ଜୋତା ଆସି ପାରିଲାନି ।

ଟୁଣୁଟୁଣି ରାଗି ପୁରା ଲାଲ ।

ବାବା ଟୁଣୁଟୁଣିକୁ ଚକୋଲେଟ୍ ଦେଇ କହିଲେ, ସେ ଜୋତାରେ ବିଷାକ୍ତ ପ୍ଲାଷ୍ଟିକର ଅଂଶ ରହିଛି । ସେହି ପ୍ଲାଷ୍ଟିକ୍ ଦିନେ ସବୁ ଜୀବଙ୍କ ଜୀବନ ନେବ । ଟୁଣୁଟୁଣି ମୋର କ'ଣ ସେଇ ଜୋତା ପିନ୍ଧିବାକୁ ଇଚ୍ଛା କରେ ?''

ଟୁଣୁଟୁଣି ନାକ ସୁଁ ସୁଁ କରି ସକେଇ ମୁଣ୍ଡ ହଲେଇ ନା କଲା ।

ଆଉ ମୁଁ ସ୍କୁଲ କେବେ ବି ଯାଇପାରିବିନି ।


ମନଦୁଃଖରେ ଟୁଣୁଟୁଣି କହିଲା ।


ସକାଳୁ କୋଇଲି ଡାକିଲା କୁଉ ... ଉଠ... କୁଉ...

ଟୁଣ୍ଟୁଣି ଉଠି ଦେଖିବା ବେଳେ ପତ୍ରରେ ତିଆରି ସୁନ୍ଦର ଦି’ଟି ଜୋତା ତା’ ପାଇଁ ରଖାହେଇଛି । କୁନି ଫୁଲଟିଏ ବି ଲାଗିଛି ସେଥିରେ ।

ଜୋତାକୁ ପିନ୍ଧି କିଂ... ରିଂ....କୁର୍‌ର୍‌ର୍... କିଂ...ରିଂ... ଶବ୍ଦ କରି ଖୁସିରେ ଉଡ଼ିବାରେ ଲାଗିଲା ଟୁଣ୍ଟୁଣି ।

😐😐😐





# ଗୀତ ଗାଉଥାଏ

# ସାଧବ ବୋହୂ

ସାଧବ ବୋହୂ ମାଟିତଳୁ ବାହାରିଚି । ବହୁତ ଦିନ ପରେ ଆସିଛି ଉପରକୁ । ସମସ୍ତଙ୍କୁ ଦେଖି ବହୁତ ଖୁସି ସେ । ଗଛ ପତ୍ର, ସାଙ୍ଗସାଥୀ ସମସ୍ତଙ୍କୁ ବର୍ଷେ ପରେ ଦେଖୁଛି । ଏମିତି ପ୍ରତିବର୍ଷ ଏଇ ବର୍ଷା ଋତୁରେ ସେ ଆସେ । ତା'କୁ ଜଗନ୍ନାଥଙ୍କ ଯାତ୍ରା ଭାରି ଭଲ ଲାଗେ । ତେଣୁ ପ୍ରତିବର୍ଷ ପାଖାପାଖି ସେହି ସମୟ ବେଳେ ସେ ଆସେ ।

ଏତେ ଦିନରେ ଥରେ ଯେହେତୁ ଆସେ, ସେ ବହୁତ ଖୁସି ହୁଏ । ନାଚେ, ଗାଏ



ଆଉ ମଉଜ ମସ୍ତି କରେ।

ସାଧବ ବୋହୂ ଦେଖିଲା ମାଙ୍କଡ଼ଟିଏ, କ'ଣ ଗୋଟିଏ ଧରି ଜଙ୍ଗଲ ସଫା ରଖିବାକୁ କହୁଛି ଆଉ ତା' ସ୍ୱର ବହୁତ ଦୂର ଯାଏଁ ଶୁଣାଯାଉଛି।

ମାଙ୍କଡ଼ ଭାଇ ଏଇ ଯନ୍ତ୍ରଟା ମତେ ଦିଅନା ? କହିଲା ସାଧବ ବୋହୂ।

ମାଙ୍କଡ଼ଠାରୁ ସ୍ପିକରଟା ନେଇ ଖୁସିରେ ଗୀତ ଗାଇ ଗାଇ ଚାଲିଲା ସାଧବ ବୋହୂ।

ତା'ମୁଣ୍ଡରେ ବଦମାସି ବୁଦ୍ଧି ପଶିଲା।

ମୂଷାର ଗାତରେ ପଶିଲା। ମୂଷା ଆସିବା ଶବ୍ଦ ଯେମିତି ହେଉଛି ସ୍ପିକରରେ ଗୀତ ଗାଇଲା।

" ନାଲି ଟୁକ୍‌ଟୁକ୍ ଦେହଟି ମୋର
ନାହିଁ କେହି ମୋ ଭଳି ସୁନ୍ଦର
ମୋ ବଳ କେତେ ଜାଣିଛୁ ସାଙ୍ଗ
ବାଘକୁ ମାରି କରିବି ଫାଙ୍ଗ

ଡରିବୁ ନାହିଁଟି ଡରିବୁ ନାହିଁ

କୌତୁକ ମୁଁ କରୁଥାଇଁ"

ଏକ ତ ସ୍ପିକର ଧରି ଗାଉଛି । ସ୍ୱର କାହାର ଜଣାପଡୁନି । ମୂଷାର ଗାତ ଯେହେତୁ ସ୍ୱରଟା ଆହୁରି ଅଜବ ଶୁଭୁଚି । ମୂଷା ପୁରା ଡରି ଛାନିଆ ।

"ଭାଇ କେହି ମୋ ଘର ଭିତରେ ପଶିଚି । ମତେ ସାହାଯ୍ୟ କର ତାକୁ ଘଉଡ଼ିବାରେ । ମୂଷା କହିଲା ଠେକୁଆକୁ । ମୂଷା ଓ ଠେକୁଆ ଗଲେ ।

ପୁଣି ସେହି ଗୀତ ଶୁଣିକି "ଭାଗେର ଭାଇ" କହି ଦୌଡ଼ି ଆସିଛନ୍ତି ଦୁହେଁ । ମୂଷା ପୁଣି ଯାଇ କାହାକୁ କହିବ ଭାବୁଚି ଜେବ୍ରା ତା ପାଖକୁ ଆସିଲା ।

ଜେବ୍ରା ଭାଇ ମତେ ସାହାଯ୍ୟ କର । ମୋ ଘରେ ଭୂତ ପଶିଚି । ମୂଷା କହିଲା ।

"ଭୂତ କ'ଣ ? ଚାଲ ଦେଖିବା କହିଲା ଜେବ୍ରା । ଯେମିତି ଏମାନଙ୍କ ପାଦ ଶବ୍ଦ ଶୁଣିଚି ସାଧବ ବୋହୂ ପୁଣି ଗାଇଲା ।

"ନାଲି ଟୁକ୍‌ଟୁକ୍ ଦେହଟି ମୋର

ନାହିଁ କେହି ମୋ ଭଳି ସୁନ୍ଦର

ମୋ ବଳ କେତେ ଜାଣିଛୁ ସାଙ୍ଗ

ବାଘକୁ ମାରି କରିବି ଫାଗ....

"ମୂଷା ଭାଇ ମତେ ଡର ଲାଗୁଚି । ମୁଁ ଯାଉଛି । କହିଲା ଜେବ୍ରା ।

ବିଚରା ମୂଷା ମନ ଦୁଃଖରେ ବସିଚି । ଏବେ ବାଘକୁ ଦେଖିଲା ।

"ବାଘ ଭାଇ ! ମୋ ଘରେ ଗୁଣ୍ଡା ପଶିଚି ଆଉ ତମକୁ ଫାଗ କରିବ ମାରିକି କହୁଚି– ମୂଷା କହିଲା । ହାଃ ! ହାଃ ! ହସି ହସି ବାଘ ଗଡ଼ିଗଲା । "ଆରେ ମୂଷା ! ତୋ ଘରେ କେହି ପଶି ମତେ ଗାଳି କରୁଚି । ଚାଲ ଦେଖିବା ।" କହିଲା ବାଘ ।

ପୁଣି ଯେମିତି ପାଦ ଶବ୍ଦ ଶୁଣିଛି ସ୍ପିକରରେ ଗାଇଲା ଗୀତ । ସାଧବ ବୋହୂକୁ ଭାରି ମଜା ଲାଗୁଚି ।

..........

ନାହି କେହି ମୋ....



................

ବାଘକୁ ମାରିବି ଫାଗ....

............

ଏତିକି ଶୁଣି ବାଘର ଅବସ୍ଥା ଖରାପ।

"ମୂଷା ଭାଇରେ, ମୋର ଗୋଟିଏ ମିଟିଙ୍ଗ ଅଛି ମନେ ପଡ଼ିଲା। କହି ବାଘ ଗାୟବ।

ଏଣ୍ଡୁଏଟିଏ ଦେଖିଲା ମୂଷା ଏତେ ଦୁଃଖ କାହିଁକି କରୁଚି।

କଣ ହେଇଚି ମୂଷା ଭାଇ ? ପଚାରିଲା। ମୋ ଘରେ ଭୂତ, ଗୁଣ୍ଡା ଆଉ କିଏ କ'ଣ ସବୁ ପଶିଛନ୍ତି। କାନ୍ଦି କାନ୍ଦି କହିଲା ମୂଷା।

ଚାଲ ଦେଖିବା କହିଲା ଏଣ୍ଡୁଅ।

ପୁଣି ସାଧବ ବୋହୂ ଆରମ୍ଭ କଲା ଗୀତ।

ତମ ବଳଟିକିଏ ଦେଖାଅ। ଆମେ ଦେଖିବୁ କହିଲା ଏଣ୍ଡୁଅ।

ପଳା ଏଇଠୁ ନ ହେଲେ ମୁଁ ବହୁତ ରାଗିବି। କହିଲା ସାଧବ ବୋହୂ।

ମୂଷା ଭାଇର ଘରେ ପଶିକି କ'ଣ କରୁଛ ? ଜଲଦି ବାହାରକୁ ଆସ। କହିଲା ଏଣ୍ଡୁଅ।


ମୁଁ କେତେ ବଡ଼ ଜାଣିଛ। ଆହୁରି ଡରେଇବାକୁ ଚେଷ୍ଟା କରି କହିଲା ସାଧବ ବୋହୂ। କିନ୍ତୁ ଏଥର ଆଉ ପାରିଲାନି। ହସି ହସି ବାହାରକୁ ଆସିଗଲା।

ସାଧବ ବୋହୂକୁ ସମସ୍ତେ ଭଲ ପାଆନ୍ତି। ତାକୁ ଦେଖି ଏଣ୍ଡୁଅ, ମୂଷା ଠୋ ଠୋ ହସିଲେ। ଠେକୁଆ, ଯେବ୍ରା, ଏମିତିକି ବାଘ ବି ସେ ପାଖାପାଖି ଥିଲା ସେଠାରୁ କିଏ ବାହାରିବ ଦେଖିବା ପାଇଁ।

ସମସ୍ତେ ମିଶି ବହୁତ ହସିଲେ।

ଜୋର ଶବ୍ଦରେ ଆତ୍ମବିଶ୍ୱାସର ସହିତ କଥା କହିଲେ ସାଧବ ବୋହୂ ବାଘକୁ ବି ଡରେଇଦେଇ ପାରେ ବୋଲି ଆଜି ଜାଣିଲି। କହିଲା ବାଘ। ପୁଣି ଗାଇଲା ସାଧବ ବୋହୂ

" ନାଲି ଟୁକ୍‌ଟୁକ୍ ଦେହଟି ମୋର
ନାହିଁ କେହି ମୋ ଭଳି ସୁନ୍ଦର
ମୋ ବଳ କେତେ ଜାଣିଛୁ ସାଙ୍ଗ
ବାଘକୁ ମାରି କରିବି ଫାଗ
ଡରିବୁ ନାହିଁଟି ଡରିବୁ ନାହିଁ
କୌତୁକ ମୁଁ କରୁଥାଇଁ'।



# ଲଣ୍ଡା ପାହାଡ଼

# ଓ ଗଛର କାହାଣୀ

ପାହାଡ଼ଟିଏ ଥିଲା। ଥୁଣ୍ଟା ପାହାଡ଼। ମୁନିଆ ପାହାଡ଼। ଭାରି ଗର୍ବ ତା'ର। ସେ ପରା ସମସ୍ତଙ୍କଠୁ ବଡ଼। ଗର୍ବରେ ସୂର୍ଯ୍ୟଙ୍କୁ ଚାହିଁଥାଏ। ସୂର୍ଯ୍ୟ ତାକୁ ଗରମ କରି ଦିଅନ୍ତି। ରାଗରେ ଗାଳି କରେ ସେ ସୂର୍ଯ୍ୟଙ୍କୁ। ହେଲେ କଣ ହବ, ସେ ତ ଲଣ୍ଡା, ଲଣ୍ଡା ପାହାଡ଼। ତଳେ ନଦୀଟିଏ ବହିଯାଇଥାଏ। ପାହାଡ଼ର ଗାଳି ଶୁଣିଲେ ସେ ହସେ।

ପାହାଡ଼ ରାଗିକି କହେ, "ମୋ ଭଳି ବିରାଟ ପର୍ବତକୁ ଦେଖି ଛାର ତୁ ନଦୀ ହସୁଛୁ। ଦେଖୁଛୁ ମୁଁ କେତେ ବିରାଟ। ମୋ ଭଳି କାହାକୁ ଦେଖିଛୁ ?"

ନଦୀ କେବଳ ହସି କହେ "ନା, କାହାର ଗର୍ବ ରହିଛି ନା, କାହାର ଗର୍ବ ରହିବ।

ପ୍ରତିଦିନ ରାତି ହୁଏ। ରାତି ଶେଷ ହେଲେ ଦିନ ଆସେ। ସୂର୍ଯ୍ୟ ଆସନ୍ତି। ଦିନ ଦି ପହରରେ ଟାଇଁ ଟାଇଁ ଖରାରେ ପାହାଡ଼ର ମୁଣ୍ଡ ଗରମ ହୁଏ। ସେ ଖାଲି ରାଗରେ ଗର୍ଜନ କରେ। ତା'ପାଖାପାଖି ଥିବା ପାହାଡ଼ରେ ଗଛ ଉଠେ। ପାହାଡ଼, ଗଛ, ପକ୍ଷୀ, ପଶୁ ସମସ୍ତେ ସାଙ୍ଗ ସାଥୀ ହୋଇ ରହନ୍ତି। ନଦୀ କେତେ କାହାଣୀ କହେ ସମସ୍ତଙ୍କୁ।

କିନ୍ତୁ ଏଇ ଗର୍ବୀ ପାହାଡ଼ର ନାକ ଆଗରେ ରାଗ। ସେ ସେମିତି ଏକୁଟିଆ ଥାଏ। ଦିନେ ପକ୍ଷୀଟିଏ ତା' ମୁଣ୍ଡରେ କୋଉ ମଞ୍ଜି ବୁଣିଲା କେଜାଣି, କିଛି ଗଛ ଉଠିଗଲା। ହଠାତ ପାହାଡ଼ କିଛି ବୁଝିପାରିଲାନି। କିନ୍ତୁ ଗଛ ବଡ଼ ହେଲା। ଗଛର ଚେର ପାହାଡ଼ ଭିତରକୁ ଗଲା। ପାହାଡ଼ ଏବେ ଗଛର ଉପସ୍ଥିତି ବୁଝିପାରିଲା।

"କିଏ ତୁ ? ଏତେ ସାହସ ମୋ ମୁଣ୍ଡରେ ଚଢ଼ିଲୁ ?" ପାହାଡ଼ କହିଲା।

"ମୁଁ ଗଛ। ତୁମକୁ ଜମା ହଇରାଣ କରିବିନି। ତୁମକୁ ଖୁସି ଦେବି।" କହିଲା ଗଛ।

ହାଃ ! ମତେ ଖୁସି ଦେବୁ ? ତୁ ଏତେ ଛୋଟ ଗଛ ମତେ ଖୁସି ଦବୁ ? ଗର୍ବରେ କହିଲା ପାହାଡ଼।

'ମତେ ଟିକିଏ ବଢ଼ିବାକୁ ଦିଅ, ତମେ ନିଜେ ବୁଝିଯିବ। କହିଲା କୁନି ଗଛ।

'ହଉ ! ଚୁପ୍‌ଚାପ୍ ବଢ଼ିବୁ ? ମତେ ହଇରାଣ କଲେ ମୁଁ ଯଦି ଟିକିଏ ହଲିଯିବି ତୁ ଗଲୁ ପୁରା। ଏତିକି ଜାଣିଥା। କହିଲା ପାହାଡ଼।

କିଛି ଦିନ ଗଲା। ଗଛ ସବୁ ବଢ଼ିଲେ। ପାହାଡ଼ ଆଜିକାଲି ଗର୍ଜୁନି। କାରଣ ଗଛ ଥିବାରୁ ତା' ମୁଣ୍ଡ ଗରମ ହେଉନି।

ଗଛ ଆହୁରି ବଢ଼ିଲା। ମେଞ୍ଚା ମେଞ୍ଚା ଫୁଲ ଆସିଲା। ବହୁତ ପକ୍ଷୀ ଆସି କିଚିରି ମିଚିର୍ ଶବ୍ଦ କଲେ।

ମୁଁ କହିଥିଲି ଚୁପ୍‌ଚାପ୍ ବଢ଼ିବୁ। ତୁ କ'ଣ ଭିଡ଼ ଜମେଇ ଦେଲୁ। ତୋ ଚେର



ଦେଖ ଆଉ ତୁମକୁ ଗରମ ଲାଗୁଚି ? ଗଛ କହିଲା ।

'ଓଃ ! ତା ମାନେ ତୋ ପାଇଁ ମୋତେ ଗରମ ଲାଗୁନି ?' ବେକାର କଥା କହନା । ଚୁପ୍‌ଚାପ୍ ବଢ଼ିବୁ । ପୁଣି କହିଲା ପାହାଡ଼ । ମତେ ଆଉ ଟିକିଏ ବଢ଼ିବାକୁ ଦିଅନା । ଅନୁରୋଧ କଲା ଗଛ ।

କିଛି ବର୍ଷ ଗଲା ଗଛ ତା ବଂଶ ବିସ୍ତାର କଲାଣି । ପାହାଡ଼ର ଠାଏ ଠାଏ ଗୁଡ଼େ ଗଛ । ଗଛରେ ଫୁଲ ଭର୍ତ୍ତି । ଆଜିକାଲି ପାହାଡ଼ ଆଉ ରାଗୁନି । ପକ୍ଷୀମାନେ ବସା କରିଛନ୍ତି । ଆଉ ସେ ବସାରେ କୁନି ଛୁଆ ସବୁ ଅଛନ୍ତି । ସେମାନଙ୍କ ଖେଳ ଦେଖି ପାହାଡ଼ ଆଜିକାଲି ଖୁସି ଅଛି । ସେ ପାହାଡ଼କୁ ଦେଖିବା ପାଇଁ ଲୋକେ ଆସିଲେ । କେତେ ସୁନ୍ଦର ପାହାଡ଼ ବୋଲି କହିଲେ ।

'ଦେଖିଲୁ ଗଛ । ମୁଁ କେତେ ସୁନ୍ଦର ବୋଲି ଲୋକ କହୁଛନ୍ତି । ମୋ ପାଇଁ ତତେ

ବି ଦେଖୁଛନ୍ତି ଲୋକେ। ଦେଖିଲୁତ ମୁଁ କେତେ ମହାନ।'

କହିଲା ପାହାଡ଼।

ହଁ। ତମେ ସତରେ ବହୁତ ଭଲ। କହିଲା ଗଛ। ଥରେ ବହୁତ ଜୋର ଝଡ଼ ତୋଫାନ ହେଲା। ଅତି ଜୋର। ଅନେକ ଗଛ ଭାଙ୍ଗିଗଲା। ଝଡ଼ ଥମିବା ପରେ ପାହାଡ଼ ଦେଖିଲା ଗଛ ବହୁତ ଭାଙ୍ଗି ଯାଇଛି କିନ୍ତୁ ଗଛ ଥିବା ଯୋଗୁଁ ତା'ର କିଛି ଅସୁବିଧା ହେଇନି। ଗଛର ଚେର ମଧ୍ୟ ତାକୁ ଜାବୁଡ଼ି ଧରି ପଥର ଖସିବାକୁ ଦେଇନି।

ତମେ କଷ୍ଟ ପାଉଛ ଗଛ। ପାହାଡ଼ ପ୍ରଥମ ଥର ପାଇଁ ଅତି ନରମ ଗଳାରେ ପଚାରିଲା।

"ହଁ! ମୁଁ ଭାଙ୍ଗିଯାଇଛି କିନ୍ତୁ ପୁଣି ବଢ଼ିବି। ତମେ ଠିକ୍ ଅଛ ନା।" ଗଛ କହିଲା।

'ମତେ ଛାଡ଼ିକି ଯିବନି ନା!' ପାହାଡ଼ କହିଲା। ଆମେ ମିଶିକି ରହିବା। ଗଛ କହିଲା। ନଦୀ ଖୁସିରେ କୁଳୁକୁଳୁ ଗୀତ ଗାଉଥିଲା।





# ସୂର୍ଯ୍ୟମୁଖୀର ଦୁଃଖ

ଗଛପତ୍ର ପ୍ରତି ମୋର ଅହେତୁକ ଆକର୍ଷଣ ଆଜିର ନୁହେଁ କୋଉ କେତେ ଜନ୍ମରୁ ବୋଧେ। ମଣିଷଠୁ ଅଧିକ ମୁଁ ଗଛପତ୍ରକୁ ଚିହ୍ନେ। ବିସ୍ତିର୍ଣ୍ଣ ପଡ଼ିଆ ପଡ଼ିଥାଏ ମୋ ଘର ସାମ୍ନାରେ। ପ୍ରତି ଋତୁର ଗଛରେ ଭରି ଦେଇଥାଏ ମୁଁ ସେହି ବିରାଟ ଅଂଶଟିକୁ। ଗଛ ସାଥିରେ ମୋ ସକାଳ ଆରମ୍ଭ ହୁଏ। ସନ୍ଧ୍ୟାରେ ବି ମୁଁ କିଛି ସମୟ ପ୍ରତି ଫୁଲର ସୁନ୍‌ଦର ଚହଟ ରଙ୍ଗକୁ ଚାହିଁ ଚାହିଁ ବିତେଇ ଦିଏ। ଶୀତଦିନର ଫୁଲ ଭଳି ଅନ୍ୟ

କୋଉ ଋତୁରେ ଏତେ ଫୁଲ ହୁଏନି କିନ୍ତୁ ଖରାଦିନ ଆସୁ ଆସୁ ମୁଁ ବୁଝିପାରେନି ମୋ ବଗିଚାରେ ସୂର୍ଯ୍ୟମୁଖୀମାନେ କେମିତି କୁଆଡୁ ବଢ଼ିବାରେ ଲାଗନ୍ତି। ମୋ ମନେନାହିଁ କେବେ ମୁଁ ମଞ୍ଜି କିମ୍ବା ଗଛ କୋଉଠୁ ଆଣି ଲଗେଇବା।

ସତେ ଯେମିତି ଏହି ପଡ଼ିଆଟି ସେମାନଙ୍କ ଘର। ସେମିତି ନିଜେ ନିଜେ ବଢ଼ି ମାଡ଼ିଚାଲନ୍ତି। ଖୁବ୍ ଅଳ୍ପ ଦିନରେ ହଳଦି ରଙ୍ଗରେ ସେ ପଡ଼ିଆଟି ଭରିଯାଏ। ପ୍ରତି ଡାଳରେ ଝୁଲୁଥାଏ ହଳଦୀ ପାଖୁଡ଼ା ମେଲି ଗୋଲିଆ ଗୋଲିଆ ଫୁଲ। ସତେ ବା ଖରାଦିନିଆ ପବନରେ ମୁଣ୍ଡ ହଲେଇ ନାଚୁଛନ୍ତି ଫୁଲସବୁ। ମୋ ମନ ଆଉ ଘରେ ଲାଗେନା। ମୁଁ ବାରମ୍ବାର ସେମାନଙ୍କୁ ଚାହିଁ ରହିଥାଏ। ପ୍ରତି ପାଞ୍ଚ, ସାତ ଦିନ ଅନ୍ତରରେ ଶୁଖିଲା ଫୁଲ ବାହାର କରିବା, ଖତ ଦେବା ଇତ୍ୟାଦି ମୋ କାମ ଥାଏ।

କଢ଼ରୁ ଯେତେବେଳେ ସବୁ ପାଖୁଡ଼ା ବାହାରିଥାଏ, କିନ୍ତୁ ଫୁଲଟି ପୁରା ଫୁଟିନଥାଏ ତାହା ମୋର ଅତି ପ୍ରିୟ। ମୁଁ ଆଉଁସି ଚାଲିଥାଏ ସେମିତି ଏକ ଫୁଲକୁ। ନରମ ପରଶ ମୋ ହାତ ସହିତ ମନକୁ ବି ଛୁଇଁ ଯାଉଥାଏ। ମତେ ଲାଗିଲା ସେମିତି କିଛି ହଲଚଲ ହଉଚି। ହଠାତ ହଳଦିଆ ପାଖୁଡ଼ା ଭଳି ପୋଷାକ ପିନ୍ଧି କୁଞ୍ଚୁକୁଞ୍ଚିଆ ଚୁଟି ମେଞ୍ଚେ ଥିବା କୁନି ଝିଅଟିଏ ଫୁଲରୁ ଆସି ମୋ ସାମ୍ନାରେ ଠିଆ ହେଲା। ଏତେ ସୁନ୍ଦର ଝିଅଟିକୁ ଦେଖି ମୁଁ ଖାଲି ଚାହିଁ ରହିଲି।

"ଚାହିଁଚ କ'ଣ! ମୁଁ ତ ଯେବେଠୁ କୁନି କଢ଼ ହେଇଥିଲି ସେବେଠୁ ତମକୁ ଦେଖୁଚି।'' ସୂର୍ଯ୍ୟମୁଖୀ କହିଲା।

"ଆଜି ତମ ସାଥିରେ ବୁଲିବାକୁ ଇଚ୍ଛା ହେବାରୁ ଆସିଗଲି। ମୋ ଆଡ଼େ ଚାହିଁ ପୁଣି କହିଲା।

"କୁନି କଢ଼ ଏତେ ସୁନ୍ଦର ତମେ ବହୁତ ସୁନ୍ଦର ମୋ କୁନି ସୂର୍ଯ୍ୟମୁଖୀ ମୁଁ କହିଲି।

ଚାଲ ନାଁ ମତେ ତମ ଦୁନିଆ ଦେଖାଅ, ସେ କହିଲା।

'ମୋ ଦୁନିଆରେ ତମ ଭଳି ସୁନ୍ଦର କେହି ବି ନାହାନ୍ତି', ମୁଁ କହିଲି।

'ନା! ବିଲକୁଲ ନାଇଁ। ମୁଁ ଚଢ଼େଇମାନଙ୍କୁ ଦେଖିଚି, ଜହ୍ନ, ତାରା, ବହୁତ ଗୁଡ଼େ ସବୁଜ ପତ୍ର ମୁଣ୍ଡେଇ ଥିବା ବଡ଼ ବଡ଼ ଗଛ, ଆକାଶ କେତେ ସବୁ ସୁନ୍ଦର ଜିନିଷ




ଅଛ । ମତେ ଆହୁର ବହୁତ ଦେଖବାର ଅଛ ତମ ଦୁନଆ´ ସେ କହଲା ।

‘ଆରେ ସେଗୁଡ଼ିକ ତ ଅଛି, ଚାଲ ମୁଁ ତମକୁ ଆହୁରି ନୂଆ ଜିନିଷ ଦେଖେଇବି, ମୁଁ କହିଲି ।

ଚାଲ ଚାଲ । ନୂଆ ଜିନିଷ ଦେଖାଅ । ଯାହା କରିବ ଜଲଦି । ପୁଣି ମତେ ଘରକୁ ଯିବାକୁ ହବ । ସେ ଡେଇଁ ଡେଇଁ କି କହିଲା ।

କାରରେ ବସେଇ ଘରୁ ବାସ୍ ବାହାରିଚି, କହିଲା ‘ଓଃ ମୋ ନିଶ୍ୱାସ ରୁନ୍ଧି ହେଇଯାଉଚି । ତମେ ଏମିତି ବନ୍ଦ କାହିଁକି କରିଚ ? ବାହାର ପବନ ନ ଆସିଲେ ମୁଁ

ବଂଚିବି କେମିତି ?

କାରରେ ଏସି ଲାଗିଚି । ଖୋଲି ହବନି କୁନି ସୂର୍ଯ୍ୟମୁଖୀ ।

'ଓହ ଏଇ ଏସି ପୁଣି କ'ଣ । ତମେ ଖୋଲିଲ । ସେ ବ୍ୟସ୍ତ ହୋଇ କହିଲା ।

ମୁଁ ଦେଖିଲି ସେ ମଉଳି ଆସୁଛି । ବାଧ୍ୟ ହେଇ ମତେ ବାହାର ପବନ ଭିତରକୁ ଆସିବା ଭଳି ଖୋଲିବାକୁ ହିଁ ପଡ଼ିଲା ।

ତମେ କାହିଁକି ଏଇ ପବନକୁ ଭଲ ପାଉନ ? ଏଇଟା ହିଁ ତ ଜୀବନ । ଯାକୁ ବନ୍ଦ କରି ଥଣ୍ଡା କାହିଁକି କରୁଚ । ଜାଣିଚ ତମ ଏହି କ୍ଷଣିକ ଖୁସି ପାଇଁ ଆମେ କେତେ କଷ୍ଟ ପାଉ । ଯେତେ ଏସି ଲଗେଇବ, ଗରମ ସେତିକି ବଢ଼ିବ ଆଉ ସବୁଠୁ କଷ୍ଟ ଆମେ ପାଉବୁ । ଆଉ ଆମ ଦୁଃଖ ଭଗବାନ ସହି ପାରନ୍ତିନି । ତା' ପରେ ଦୁନିଆ ଧ୍ୱଂସ ହେବ । ସେ ରାଗିକି କହିଲା ।

ମୁଁ ଏସି ବନ୍ଦ କରିଦେଲି । ଏବେ ରାଗନି । ତମେ ଠିକ୍ କହିଚ, କିନ୍ତୁ ଏମିତି ଅଭ୍ୟାସ ହେଇଚି ଯେ... । ବାସ ଏତିକି କହିପାରିଲି । ଦୋଷୀ ମନେ କରୁଥିଲି ନିଜକୁ ।

'ଚାଲ ତମକୁ ବଢ଼ିଆ ଜିନିଷ ଖୋଇବି ।' ଆଇସକ୍ରିମ ଦୋକାନରେ ଗାଡ଼ି ରଖି ମୁଁ କହିଲି ।

'ଚାଲ' କହି ଗାଡ଼ିରୁ ଡେଇଁ ପଡ଼ି ଚାଲିଲା ସେ । ମୋ ଅନୁମାନ ଏକଦମ ଭୁଲ ଥିଲା । ସେ ଆଇସକ୍ରିମ ଖାଇପାରିଲା ନାହିଁ ।

'ନା, ନା ଏଇଟା ମୋ ଦେହ ଖରାପ କରିଦେବ । ମୁଁ କିଛି ଜାଣିପାରୁନି ଏଇ ଅବାସ୍ତବ ଜିନିଷଟା ତମକୁ ଭଲ କେମିତି ଲାଗିପାରେ ?

'ଅବାସ୍ତବ ?' ଆଶ୍ଚର୍ଯ୍ୟରେ କେବଳ ଏତିକି କହିଲି ।

ହଁ ! ଅବାସ୍ତବ । ଯାହା ଗଛରେ ଫଳେନି ସବୁ ଅବାସ୍ତବ' ।

ସକାଳ ହେଇ ଆସୁଥିବ ଧୀରେ ଧୀରେ । ସୂର୍ଯ୍ୟ ପୁରା ଆସି ନଥିବେ ଆକାଶରେ । ସେ ସମୟର କାକର... ଆଃ ସତେ କି ଅମୃତ ।' ସେ କହିଲା କେବେ ଖାଇଚ ? ହଁ ତମେ ତ ଶୋଇଥିବ ।

କୁନି ସୂର୍ଯ୍ୟମୁଖୀର କଥାରେ ହତବାକ୍ ହୋଇ ରହିଲି, ପାଖରେ ଥିବା ପାର୍କ ଗୋଟିଏରେ ବସିଲୁ ଆମେ। ମୁଁ ଆଉ ସୂର୍ଯ୍ୟମୁଖୀ। ସେ ବହୁତ ଖୁସିଥିଲା। ଦୌଡ଼ି ଯାଉଥିଲା, କୋଉ ପ୍ରଜାପତି ପଛରେ। କେବେ ପ୍ରଜାପତି ତା ପଛରେ ଗୋଡ଼ଉଥିଲେ। କିଛି ସମୟ ଖୁସି ଖୁସି କଟିଗଲା। ମୁହଁ ଫୁଲେଇ ମତେ କହିଲା, 'ଏଇଠି ଏଇ ଗଛଗୁଡ଼ିକୁ କଟା ହୋଇ ରଖାହୋଇଚି କାହିଁକି? ତାଙ୍କ ଇଚ୍ଛାରେ ସେମାନେ ବଢ଼ି



ପାରିବେନି?'

ନିରୁତ୍ତର ରହିବା ଛଡ଼ା ମୋର ଅନ୍ୟ ଉପାୟ ନଥିଲା।

ସୂର୍ଯ୍ୟମୁଖୀକୁ ନେଇ ମୁଁ ଗଲି ପକ୍ଷୀମାନଙ୍କୁ ଦେଖେଇବା ପାଇଁ ଚିଡ଼ିଆଘର। ଛୋଟ ବଡ଼ ପକ୍ଷୀଙ୍କୁ ଦେଖି ବହୁତ ଖୁସିହେଲା।

ସନ୍ଧ୍ୟା ହେବା ଆଗରୁ ଆମକୁ ଫେରିବାକୁ ପଡ଼ିବ। ମୁଁ ଆଉ ସୂର୍ଯ୍ୟମୁଖୀ ଫେରୁଛୁ।

'ମୁଁ ତୁମକୁ ସବୁବେଳେ ବହୁତ ପାଖରୁ ଦେଖୁଥିଲି। କଢ଼ ଭିତରୁ ତମ ଆଖି

ଦେଖିପାରୁଥିଲି। ଖୁବ୍ ସୁନ୍ଦର ଲାଗୁଥିଲା। ତମ ନରମ ସ୍ପର୍ଶ ମଧ୍ୟ ମତେ କେତେ ନିଜର ଲାଗୁଥିଲା। ହେଲେ ଆଜି ମୁଁ ବହୁତ ଦୁଃଖିତ ବନ୍ଧୁ।

ଭାରୀ ଗଳାରେ କହିଲା। 'ତୁମେ, ମୁଁ, ପଶୁ, ପକ୍ଷୀ,ଗଛ, ପତ୍ର ସମସ୍ତ ପ୍ରାକୃତିକ ଜିନିଷ ଆମେ ପ୍ରକୃତିର ଅଂଶ। ଆମେ ଭଗବାନଙ୍କ ଅଂଶ। ହେଲେ ଆମକୁ ଆମ ସହିତ ବାକି ପୃଥିବୀ ପାଇଁ ମଧ୍ୟ ଭାବିବାକୁ ହୁଏ। ତା' ହେଲେ ସନ୍ତୁଳନ ରକ୍ଷା ହୁଏ। କିନ୍ତୁ ମଣିଷ ସମସ୍ତଙ୍କୁ ତା' ଅକ୍ତିଆରକୁ ନେଇ ନିଜ ସୁଖ ସୁବିଧା ପାଇଁ ପ୍ରକୃତିକୁ ବି ହତାଦର କଲାଣି।

ପ୍ରକୃତି ସାଥୀରେ ହିଁ ଜୀବନ ଯୋଡ଼ି ହେଇଛି। ପ୍ରକୃତିର ନିୟମ ସାଥୀରେ ଆମେ ବଂଚିବା ଦରକାର। ଆମ ଅନୁସାରେ ପ୍ରକୃତି ନୁହଁ। ତୁମମାନଙ୍କ ଲାଗି ପୁରା ଦୁନିଆ, ଜୀବଜଗତ ସମସ୍ତେ ଆଜି ବିପଦରେ। ଦି'ଟୋପା ଲୁହ ତା'ର ମାଟିରେ ପଡ଼ିଲା।

ମୋ ମା' ମତେ କହେ- ମଣିଷ ଭଳି ଶତ୍ରୁ ଆଉ କେହି ନାହିଁ। ସେ ତା' ନିଜ ଗୋଡ଼ରେ ନିଜେ କୁରାଢ଼ି ମାରେ ଓ ଆମ ସମସ୍ତଙ୍କ ପାଇଁ ବିପଦ ଡାକି ଆଣେ।

ଘରେ ପହଞ୍ଚିବା ଯାଏଁ ଆମେ ଦୁହେଁ ଚୁପ୍। ସେ ପୁଣି ଫୁଲ ହେବା ଆଗରୁ ମତେ ଚାହିଁଲା। କିଛି କହିଲାନି। ବୁଝିପାରିଲି ସେ ଆଉ କେବେ ଏମିତି କାହା ପାଖକୁ ଆସିବାକୁ ଚାହିଁବନି। ଛୋଟ ତା ଜୀବନ ଭିତରେ ବି ମଣିଷ ପାଇଁ କେତେ ଗ୍ଲାନି ଓ ଅଭିମାନ ଦେଇ ନିଜକୁ ଦୁଃଖୀତ କରିଛି।

କି ଦୁନିଆ ଆମର ଯୋଉଠି ଫୁଲ ବି କାନ୍ଦୁଛି।



# ଡ୍ରାଗନ୍ ଓ ମେଘ ଲଢ଼େଇ

ଡାଇନୋ ବୋଲି ଗୋଟିଏ ଗୁଲୁଗୁଲିଆ ଡାଇନୋସର୍ ଓ ହାଇକୋ ଡ୍ରାଗନ୍ ଭିତରେ ଭଲ ବନ୍ଧୁତା ଥିଲା । ଡାଇନୋ ଉଡ଼ିପାରେନି ହାଇକୋ ତେଣୁ ତାକୁ ପିଠିରେ ବସାଇ ବୁଲେ । ହାଇକୋ ଗୋଟିଏ ବିଶାଳ ଡ୍ରାଗନ୍ ଥିଲା, ଡାଇନୋ ଛୋଟିଆ ଡାଇନୋସର୍ ଥିଲା ।

ଭାରି ଖୁସିରେ ଦୁଇଜଣ ବୁଲନ୍ତି । ଇଗଲ ଗୋଟିଏ ସେମାନଙ୍କ ସାଙ୍ଗ ଥିଲା । ମାକାରୋ ଥିଲା ତା' ନାଁ । ସମସ୍ତେ ରହୁଥିଲେ ଜାପାନର ଗୋଟିଏ ବିଶାଳ ଜଙ୍ଗଲ ମଧ୍ୟରେ । ସେହି ଜଙ୍ଗଲରେ ବହୁତ ବଡ଼ ଉଚ୍ଚ ଓ ଟାଣୁଆ ଗଛ ସବୁ ଥାଆନ୍ତି । ରୁବାଲା ଜାତିର ଗଛଟିଏ ଥାଏ ସବୁଠାରୁ ପୁରୁଣା ଗଛ । ସେଥିରେ ହାଲ୍‌କା ନୀଳ ରଙ୍ଗର ଫୁଲ ଭର୍ତ୍ତି ହୋଇଥାଏ । ସେ ଗଛରେ ଏହି ତିନିସାଙ୍ଗ ବସି ଗପ କରନ୍ତି ।

ଥରେ ଗୋଟିଏ ମେଘ ଆସି ସମସ୍ତଙ୍କ ଅଲକ୍ଷ୍ୟରେ ଏମାନଙ୍କ ଗପ ଶୁଣୁଥିଲା । ହାଇକୋର ସ୍ୱର ଅତି ଜୋର । ସେ ଧୀର ସ୍ୱରରେ କଥା କହିପାରେନି । ମେଘ ହାଇକୋର ସ୍ୱର ଶୁଣି ଜୋର ହସିଲା । ହାଇକୋକୁ ରାଗ ଲାଗିଲା । ଆଉ ହାଇକୋ ରାଗିଲେ ପାଟିରୁ ନିଆଁ ବାହାରେ । ମେଘକୁ ନିଆଁରେ ପୋଡ଼ିଦେବାକୁ ବସିଲା ହାଇକୋ । ମେଘରୁ ପାଣି ବର୍ଷା ହେଲା । ହେଲେ ମେଘଟି ଛୋଟ ଥିଲା । ମେଘ କାନ୍ଦି କାନ୍ଦି ତା' ବଡ଼ମାନଙ୍କୁ କହିଲା । ମେଘମାନେ ରାଗରେ ପ୍ରଚଣ୍ଡ ଜୋରରେ ବର୍ଷା କଲେ । ସେମାନଙ୍କ ସାଙ୍ଗ ବଜ୍ର ଆଉ ବିଜୁଳି ମଧ୍ୟ ସାଙ୍ଗରେ ଆସିଲେ । ହାଇକୋର ନିଆଁ ଏଇ ବର୍ଷା ଆଗରେ କିଛି କାମ କଲାନି ।

ବାର ଦିନ ସେମିତି ବର୍ଷା ଲାଗି ରହିଲା । ସବୁଠି ପାଣି ଭର୍ତ୍ତି । ଘରଦ୍ୱାର ଭାସିଗଲାଣି । ବନ୍ୟା ହେଇ ଅବସ୍ଥା ଖରାପ । ବାହାରେ ଘଡ଼ଘଡ଼ି ଆଉ ବିଜୁଳି । ପୃଥିବୀ ସତରେ



ଗୋଟିଏ ସମୁଦ୍ରରେ ଭାସିବା ଭଳି ମନେହେଲା । ହାଇକୋର ପରିବାର ସବୁ ଶୁଣିଲେ । ସେମାନେ ଡ୍ରାଗନମାନଙ୍କ ଦେବତାଙ୍କୁ ପୂଜା କଲେ । ହାଇକୋ, ଡାଇନୋ ମେଘମାନଙ୍କୁ କହି, ବୁଝାଶୁଝା କରି କଥା ମନେଇବାକୁ ଚେଷ୍ଟା କରି କରି ଥକିଗଲେ ।


ବର୍ତ୍ତମାନ ଡ୍ରାଗନ୍ ଆଉ ମେଘମାନଙ୍କ ଭିତରେ ଯୁଦ୍ଧ ଆରମ୍ଭ ହେଲା । ହାଇକୋକୁ ଦୁଇଦିନ ପୂଜାରେ ବସି ଶକ୍ତି ଆହରଣ କରିବା କୌଶଳ ଶିଖିବାକୁ ପଡ଼ିଲା । ଉପରେ ବର୍ଷା, ଘଡ଼ଘଡ଼ି, ବିଜୁଳି । ଏଣେ ଗୁମ୍ଫାମାନଙ୍କରେ ଡ୍ରାଗନମାନଙ୍କ ନିଆଁ ବର୍ଷା ଯୁଦ୍ଧ କୌଶଳ ଆରମ୍ଭ । ସେତେବେଳେ କୁଆଡ଼େ ଗୋଟିଏ ଦିନ ସୂର୍ଯ୍ୟ ଦେଖାଯାଇ ନଥିଲେ ଯାହା ବୁଢ଼ାବୁଢ଼ୀମାନେ କୁହନ୍ତି ।

ହାଇକୋ ବାଘଠାରୁ ନଖ, ସାପଠାରୁ ବିଷ, ଝିଙ୍କଠାରୁ ତା ବିଶାକ୍ତ କାଠି ଓ ଗରୁଡ଼ଠାରୁ ବିଶାଳ ଡେଣା ନେଇ ଇଗଲ ସହିତ ମିଶି ଯୁଦ୍ଧ କରିବାକୁ ଚାଲିଲା । ପିଠିରେ ବସିଥାଏ ଡାଇନୋ ।

ଆରମ୍ଭ ହେଲା ସାମ୍ନାସାମ୍ନି ଯୁଦ୍ଧ । ଡାଇନୋ ହାତରେ ଏକ ବଡ଼ ଖଣ୍ଡା । ଇଗଲର ଡେଣାରେ ବନ୍ଧା ହେଇଥାଏ ଛୁରୀ ଓ କଟୁରୀ । ମାଡ଼ି ଚାଲିଲେ ତିନିହେଁ ରଣହୁଙ୍କାର ଦେଇ ।

ମେଘ ମଧ୍ୟ ଭୟଙ୍କର ହେଇ ଏମିତି ବର୍ଷା କଲା ଯେ ଯେମିତି କିଛି ଦେଖା ବି ଯିବନି । ହେଲେ ହାଇକୋର ନିଆଁ ବର୍ଷାରେ ମେଘର ଶକ୍ତି କମିବାରେ ଲାଗିଲା । ଇଗଲର ଛୁରୀ ମାଡ଼ରେ ମେଘ ଛିଣ୍ଡି ହେଇ ଦୁର୍ବଳ ହୋଇପଡ଼ିଲା । ଛୋଟ ମେଘମାନଙ୍କ ମୁକାବିଲା ପାଇଁ ଡାଇନୋର ଖଣ୍ଡା ଯଥେଷ୍ଟ ଥିଲା । ଶେଷରେ ମେଘମାନେ ହାରିଲେ ଓ ଯୁଦ୍ଧ ସରିଲା ।

ପ୍ରାୟ ଗୋଡ଼ିଏ ଦିନ ପରେ ସୂର୍ଯ୍ୟଙ୍କ ସହାସ୍ୟ ବଦନ ଦେଖାଗଲା । ଆଜି ବି ଜାପାନର ଲୋକେ ସେ ଯୁଦ୍ଧକଥା ମନେ ରଖିଛନ୍ତି ।



# ରୋହି ଓ ମୋତି

ପ୍ରକୃତି ଆମର ଅନନ୍ୟା। କୋଉଠି ନଦୀ ତ କୋଉଠି ପର୍ବତ, କୋଉଠି ଜଙ୍ଗଲ ତ କୋଉଠି ଟାଙ୍ଗରା ଭୂମୀ। ମୁଁ ଆଜି ଯୋଉ ଜାଗା କଥା କହୁଛି ସେଇଟି ଥିଲା ଗୋଟିଏ ଛୋଟ ଦ୍ୱୀପ। ନଦୀ ଟିଏ ସମୁଦ୍ରରେ ମିଶିବା ଜାଗା। ହେଲେ ସେ ଜାଗାରେ ଦ୍ୱୀପଟିଏ ଥିଲା। ଗୋଟିଏ ପଟେ ନଦୀ ଅନ୍ୟ ପଟେ ସମୁଦ୍ର। ମଝିରେ ଦ୍ୱୀପଟି, ଆଉ ସେଠି ରହୁଥାଆନ୍ତି ଗୁଡ଼େ ମାଛ, କଇଁଚ, ଶାମୁକା ଇତ୍ୟାଦି। ଗୋଟିଏ ରୋହି ମାଛ ଥିଲା। ରୋହି ମାଛ ତ ବହୁତ ଥାଆନ୍ତି କିନ୍ତୁ ଆମ ଏଇ ରୋହି ମାଛ କଥା କାହିଁକି କହିଲା ନା, ସେ ଥିଲା ବହୁତ ଲୋଭି। ଯାହା ମିଳିଲା ଖାଉଥାଏ। ତା' ବାବା ତାକୁ କହନ୍ତି, ଏମିତି ଲୋଭ କରିବା ଭଲ ନୁହଁ। ଯେତିକି ମିଳୁଛି ସେତିକି ଖାଆ। ନ

ହେଲେ ଦେହ ଖରାପ ହବ।'

ସେ କିନ୍ତୁ ଶୁଣେନି। ଖାଲି ଖାଇବା ଜିନିଷ ନୁହଁ ଯାହା ଚକଚକିଆ ଜିନିଷ ଦେଖିଲା ଖାଇଲା।

ତା' ଦେହ ଖରାପ ହୁଏ। ପୁଣି କିଛି ଦିନ ଭଲ ପିଲା ଭଳି ମା' ବାବାଙ୍କ କଥା ଶୁଣେ। ପୁଣି ଯାହାକୁ ସେଇୟା।

ସେ ଦେଖିଲା ଶାମୁକା ଭିତରେ ଚକଚକିଆ ମୋତି ଅଛି। ସେ ମୋତିକୁ ଲୋଭରେ ଖାଇଦେଲା, ଖାଇନି ତ ଗିଳିଦେଲା।

ସେ ଭାବିଲା ମୋତି ଖାଇଲେ ସେ ମୋତି ଭଳି ସୁନ୍ଦର ଓ ଚକ୍‌ଚକିଆ ହେଇଯିବ। ହେଲେ ମୋତି ତ ହଜମ ହବନି। ରୋହି ମାଛର ଲୋଭ କୋଉ ଭରୁଛି। ସେ ଆହୁରି ମୋତି ଖାଇଲା। ତା ପେଟଟି ମୋଟା ହେଇଗଲା। ତା' ଦେହ ଖରାପ ହେବାରେ ଲାଗିଲା। ଶେଷରେ ଦିନେ ସେ ମୋତି ଖାଇଖାଇ ମରିଗଲା। ତା' ପେଟରେ ମୋତି ସେମିତି ରହିଥିଲା।





# ସୁନ୍ଦର କିଏ ?

ଏଣ୍ଡୁଅଟିଏ ମନଖୁସିରେ ଗଛକୁ ଗଛ ଡେଇଁ ବୁଲୁଥାଏ। ମଝି ମଝିରେ ଖାଇବା ପାଇଲେ ଖାଇଦିଏ। ପୁଣି ମନ ଖୁସିରେ ବୁଲୁଥାଏ।

ଗୁଣ୍ଡୁଚି ମୂଷା ଓ ଗୋଟିଏ ଠେକୁଆ ସେ ଏଣ୍ଡୁଅର ସାଙ୍ଗ ଥାଆନ୍ତି। ସେମାନେ ପ୍ରତିଦିନ ଗୋଟିଏ ଗଛମୂଳେ ବସି ଗପ କରନ୍ତି। ଗଛ ବି ସେମାନଙ୍କ କଥା ଶୁଣେ ଓ ତା' ନିଜ ଅଭିଜ୍ଞତା ଗପେ।

ଦିନେ ଗଛ କହିଲା, "ଆଜି ମୋ ଉପର ଡାଳରେ ଗୋଟିଏ ସୁନ୍ଦର ରଙ୍ଗର ପକ୍ଷୀ



ବସିଥିଲା"। ଗୁଣ୍ଡୁଚି ମୂଷା କହିଲା, "ଆମ ଠେକୁଆଟା ବି ଭାରି ସୁନ୍ଦର ଦିଶେ।" ଠେକୁଆ କହିଲା, "ମତେ ତ ତମେ ବହୁତ ସୁନ୍ଦର ଲାଗ ଗୁଣ୍ଡୁଚି ଭାଇ।"

"ଆରେ ! ଆରେ ! ଧନ୍ୟବାଦ। ଆମ ଗଛ ତ ସବୁବେଳେ ସୁନ୍ଦର।' ଗୁଣ୍ଡୁଚି କହିଲା।

ସମସ୍ତେ ହସିଲେ।

ଏଣ୍ଡୁଅକୁ ଦୁଃଖ ଲାଗିଲା। ଭାବିଲା, ମତେ ତ କେହି ସୁନ୍ଦର କହିଲେନି। ବୋଧେ ମତେ କେହି ପସନ୍ଦ କରନ୍ତି ନାହିଁ। ମୁହଁ ଶୁଖେଇ ଶୁଖେଇ ରହିଲା। କାହା ସହିତ କିଛି ଆଉ କଥା ହେଲାନି।

ଏଣ୍ଡୁଅ ଆଜିକାଲି ଆଉ ଗଛରୁ ଗଛ ଡେଇଁ ବୁଲିଲାନି । ପତ୍ର ଭିତରେ ଲୁଚି ରହିଲା । ପକ୍ଷୀଟିଏ ପତ୍ର ଭିତରୁ ପୋକ ଖୋଜୁଥିଲା । ପତ୍ର ଆଡ଼େଇ ଦେଖେ ତ ମୁହଁ ଶୁଖେଇ ଏଣ୍ଡୁଅ ବସିଚି ।

"ଆରେ ! ତମେ କ'ଣ ଏଠି ? ଆଜି ବୁଲିବାକୁ ଯିବନି କି ?" ପକ୍ଷୀ ପଚାରିଲା ।

"ନା ! ନା ! ତମେ ବି ଯାଅ । ମତେ କେହି ଦେଖନି । ମୋ ସାଥିରେ କେହି କଥା ହୁଅନି । ଏଣ୍ଡୁଅ କହିଲା "କାଇଁ ?" କ'ଣ ହେଇଚି କି ?' ପକ୍ଷୀ କହିଲା । "ନା ! ନା ! ତମେ ଯାଅ । ତମେ ସମସ୍ତେ ସୁନ୍ଦର । ଏକା ମୁଁ ଅସୁନ୍ଦର, ଏଣ୍ଡୁଅ କହିଲା ।

"କିଏ କହିଲା ? ଏମିତି ତମେ ଭାବିଲ କେମିତି ?' ପକ୍ଷୀଟି ଆଶ୍ଚର୍ଯ୍ୟରେ କହିଲା ।

ଏଣ୍ଡୁଅ କହିଲା– "ମୁଁ ଜାଣେ, ମୁଁ ଅସୁନ୍ଦର ।'

ପକ୍ଷୀ କହିଲା– "ଭାଇରେ ! ଆମେ ସମସ୍ତେ ଦେଖିବାକୁ ଅଲଗା ଅଲଗା । ଦେଖ ମୋର ଥଣ୍ଟ ଅଛି ଆଉ ତମର ପାଟି । ମୋର ଡେଣା ଅଛି ଆଉ ତମେ ଗୋଡ଼ରେ ଜୋର ଚାଲିପାର ।


ହଁ, ଠିକ୍ ଯେ, କିନ୍ତୁ ତମେ ଯା । ମୁଁ ବହୁତ ଅସୁନ୍ଦର । କହିଲା ଏଣ୍ଡୁଅ ।

"ହଁ, ମୁଁ ତ ଯିବି । କିନ୍ତୁ ଏଇ କଥା ଭାବି ତମେ ଦୁଃଖ ଆଉ ଯୋଉ ଲାଜ କରୁଚ, ସେଥିରେ ତମେ ଅସୁନ୍ଦର ହେଇଯିବ । ପକ୍ଷୀ ଖୁବ୍ ଚାଲାକ ହୋଇ ଏତିକି କହି ଫୁର୍‌ର୍ କିନି ଉଡ଼ିଗଲା ।

"ଓଃ ! ତା ହେଲେ ମତେ ମନ ଖୁସି ରଖିବାକୁ ହବ । କହିଲା ଏଣ୍ଡୁଅ ।

"ଆଉ କ'ଣ ହସ ଆଉ ଖୁସି ହିଁ ତୁମକୁ ସୁନ୍ଦର କରେ । ପକ୍ଷୀ ଉଡ଼ି ଯାଉ ଯାଉ କହିଲା ।

ଏଣ୍ଡୁଅ ପୁଣି ଭକମ୍... ଭକମ୍... ଗୀତ ଗାଇ ଗାଇ ଗଛକୁ ଗଛ ଡେଇଁବା ବେଳେ ଭୂଲିଯାଇଥିଲା ସୁନ୍ଦର ଅସୁନ୍ଦର କଥା ।




# ନଣ୍ଟୁ ଓ ଅକ୍ଟୋପସ୍

ସମୁଦ୍ର ତଳେ କେତେ ପ୍ରକାର ଜୀବ ରୁହନ୍ତି । ସମୁଦ୍ରଘୋଟକ, ଶାମୁକା, ପ୍ରବାଳ,ରଙ୍ଗ ବେରଙ୍ଗୀ ମାଛ, ଷ୍ଟାରଫିସ୍ । ଏଇ ସବୁ ଛୋଟଛୋଟ ଜୀବ । ପୁଣି ତିମି ମାଛ, ନୀଳତିମି, ସାର୍କ, ଅକ୍ଟୋପାସ୍ ଭଳି ବିଶାଳକାୟ ଜୀବ ସବୁ ରହନ୍ତି ।

ସମୁଦ୍ର ତଳ ବିଭିନ୍ନ ରଙ୍ଗରେ ଭରିଥାଏ । କିନ୍ତୁ ଅନେକ ବିଚିତ୍ର ଜୀବ ମଧ୍ୟ ବାସ କରନ୍ତି । କାହାର ଦେହ ଅପେକ୍ଷା ମୁହଁଟି ଅପେକ୍ଷାକୃତ ଛୋଟ ତ କାହାର ମୁହଁ ହିଁ


ଥାଏ ଦେହ ନଥାଏ । ବେଲୁନ୍ ଫିସ୍ ଏତେ ବଡ଼ କରିଦିଏ ନିଜକୁ ଯେ ସେ ଗୋଟିଏ ଗୋଲାକାର ପେଣ୍ଡୁ ଭଳି ହିଁ ଦେଖାଯାଏ । କିଛି ଏମିତି ବି ମାଛ ଥାଆନ୍ତି ଯୋଉମାନଙ୍କ ରଙ୍ଗ କିଛି ନଥାଏ । ସେହେତୁ ସେମାନେ ହଠାତ ଦେଖା ବି ଯାଆନ୍ତି ନାହିଁ । ଆଉ କିଛି ମାଛ ବହୁତ ସୁନ୍ଦର ହେଇଥାଆନ୍ତି । ଦେହସାରା ସୁନ୍ଦର ପକ୍ଷୀ ଭଳି ଝାଲର ଥାଏ । ସେମିତି ଦି'ଟି ନାଲି ଓ ସୁନେଲି ରଙ୍ଗର ମାଛ ଥିଲେ ସମୁଦ୍ରରେ । ଆକାରରେ ଛୋଟ ହେଲେ ବି ବହୁତ ସୁନ୍ଦର । ପୁରା ଗୋଟିଏ ଛବିଭଳି । ଆଉ ସେମାନଙ୍କର ଥାଆନ୍ତି କୁନି କୁନି ଆଉ ଚାରିଟି ଛୋଟ ମାଛ । ସେମାନେ ସବୁବେଳେ ସମୁଦ୍ର ବୁଲିବାକୁ ଇଚ୍ଛା କରନ୍ତି ଓ ମା' ବାପା ଦିହେଁ ମନାକରନ୍ତି । ମା' ଓ ବାପା ମାଛ ଦିହେଁ ସମୁଦ୍ର ଯାଆନ୍ତି ଖାଇବା ଯୋଗାଡ଼ କରିବାକୁ । ଗୋଟିଏ ବଡ଼ ପଥରତଳେ ଏମିତି ଛୋଟ ମାଛମାନେ ରୁହନ୍ତି । ସବୁ ଛୁଆମାଛମାନେ ମିଶି ଖେଳନ୍ତି । କିନ୍ତୁ ସମୁଦ୍ରକୁ ଯିବା ସେମାନଙ୍କୁ ମନା କରାଯାଇଥାଏ । ମନରେ କୌତୂହଳକୁ ରୋକି ନପାରି ଦିନେ ସବୁ ଛୋଟଛୁଆ ମାନେ ଚାଲିଲେ ସମୁଦ୍ର ଭିତରକୁ । ସମୁଦ୍ରରେ ବଡ଼ବଡ଼ ମାଛ ସବୁ ଚାହିଁ ବସିଥାନ୍ତି । ଏମିତି ଛୋଟମାଛମାନଙ୍କୁ ଖାଇବା ପାଇଁ ଗୋଟିଏ ବଡ଼ ଅକ୍ଟୋପସ୍‌ର ନଜର ଏହି ଛୁଆମାନଙ୍କ ଉପରେ ପଡ଼ିଲା । ସେମାନଙ୍କ ମଧ୍ୟରେ ନଣ୍ଟୁ ବୋଲି ଗୋଟିଏ ଚାଲାକ ଓ ସାହାସୀ ମାଛ ଥାଏ । ସାମ୍ନାରେ ବିଶାଳ ଅକ୍ଟୋପସ୍‌କୁ



ଦେଖି ଡରରେ ଛାନିଆଁ । ମାଛମାନଙ୍କ ଅବସ୍ଥା ଖରାପ । ଅକ୍ଟୋପସ୍‌ର ଆଠଟି ଗୋଡ଼ ଥାଏ । ବିଶାଳ ଲମ୍ବା ଗୋଡ଼ ସବୁ । ସବୁ ଗୋଡ଼ରେ ସେ ଛୁଆମାଛମାନଙ୍କୁ ଧରିବାକୁ ଚେଷ୍ଟାକଲା । କିଲିବିଲି ହେଇ ଛୋଟମାଛମାନେ ଏପଟ ସେପଟ ଜୀବନ ବିକଳରେ ପହଁରିଲେ ।

ନଣ୍ଟୁ ଦେଖିଲା ଅକ୍ଟୋପସ୍ର ଆଖି ଦି'ଟି ଅତି ଛୋଟ ଅଛି ତା ଦେହ ତୁଳନାରେ । ଶାମୁକା ଦି'ଟିଙ୍କୁ ସେ କହିଲା ନିଜକୁ ଖୋଲିକି ଏମିତି ରଖିବା ପାଇଁ ସେମିତିକି ସେ ଦୁଷ୍ଟ ଅକ୍ଟୋପସ୍ କିଛି ସମୟ ପାଇଁ ଆଖି ଖୋଲି ପାରିବନି । ସେହି ସମୟରେ ଯେତିକି ଅନ୍ୟମାଛମାନେ ଯାଇ ପଥର ତଳେ ଲୁଚିଯିବେ । ଆଉ ଶାମୁକାମାନଙ୍କୁ ଅକ୍ଟୋପସ୍ ଧରିବା ଆଗରୁ ପୁଣି ବନ୍ଦ ହେଇଯିବା ପାଇଁ କହି ନଣ୍ଟୁ ଅକ୍ଟୋପସ୍‌କୁ ଧରାଦେବା ଭଳି ପାଖରେ ପହଁରିଲା ।

ଠିକ୍ ନଣ୍ଟୁର କହିବା ଅନୁସାରେ ସମସ୍ତେ କାମ କଲେ । ଦୁଷ୍ଟ ଅକ୍ଟୋପସ୍ କବଳରୁ ସମସ୍ତେ ଜୀବନ ନେଇ ଫେରି ଆସିଲେ । ସମୁଦ୍ର ତଳ ଯେତେ ସୁନ୍ଦର ସେତେ ଭୟଙ୍କର ।





# ଗୁଡୁଲ୍ ଓ ଜହ୍ନମାମୁ

କାର ପଛ ସିଟ୍‌ରେ ଆଣ୍ଠୁମାଡ଼ି ପଛ କାଚବାଟେ ବାହାରକୁ ଚାହିଁଚି ଗୁଡୁଲ୍। ଯିବା ଆସିବା ସବୁ ଲୋକ, ଗାଡ଼ି, ଗଛ, ଗାଈ ଗୋରୁ, ଘର ଓ ବଜାର ସବୁ ଦେଖୁଚି ପା□ ବର୍ଷର ଗୁଡୁଲ୍। ଜହ୍ନମାମୁଁ ଏଇ ସମୟରେ ଦେଖାଗଲେ। ଗୁଡୁଲ୍ ଖୁସିରେ ହାତ ହଲେଇ ନାଚିଗଲା। ଜହ୍ନମାମୁଁ ବି ଗୋଟିଏ ଲମ୍ବା ହସ ହସି ଆଖି ମିଟ୍‌ମିଟ୍ କଲେ।

ଗାଡ଼ି ଆଗରେ ମମି ଓ ପାପା ଗୀତ ଶୁଣି ଗପରେ ବ୍ୟସ୍ତ। ଗୁଡୁଲ୍ ଆଉ ଜହ୍ନମାମୁଁଙ୍କ ଲୁଚକାଳି ଖେଳ ଚାଲିଲା। ଗୁଡୁଲ୍ କେତେବେଳେ ଲୁଚିଯାଉଚି ସିଟ୍‌ରେ ଗଡ଼ିଯାଉଚି। ଜହ୍ନମାମୁଁ ଖୋଜୁଚନ୍ତି ତ କେତେବେଳେ ଜହ୍ନମାମୁଁ ମେଘରେ ଲୁଚିକି ଗୁଡୁଲ୍‌କୁ ଦେଖି ତା ବ୍ୟସ୍ତତାକୁ ଦେଖି ହସୁଛନ୍ତି।



"ଜହ୍ନମାମୁଁ! ତମ ଘର କୋଉଠି ?''

ଗୁଡୁଲ୍ କହୁଚି।

"ମୋ ଘର ଆକାଶରେ''। ଜହ୍ନ କହିଲେ, "ତମ ମାମା କାହାନ୍ତି'' ? ଗୁଡୁଲ୍‌ର ପୁଣି ପ୍ରଶ୍ନ "ମମି ଜହ୍ନମାମୁଁ ଦେଖ।''

"ମମି ଜହ୍ନମାମୁ କାଇଁ ?''

"ମମି ହେଇ ଜହ୍ନମାମୁଁ ଆସିଲେ।''

"ମମି ଜହ୍ନମାମୁଁ ଅରେଞ୍ଜି କଲର କାହିଁକି ?'' ଗୁଡୁଲ୍ ପ୍ରଶ୍ନ ପଚାରି ଚାଲିଲା।

ଓହ... ତୁ ଜହ୍ନମାମୁଁ କୁ ପଚାର, ମମି କହିଲେ, "ଜହ୍ନମାମୁଁ ମତେ କଥା କହିବେ ?'' ଗୁଡୁଲ୍ କହିଲା।

"ହଁ! ତୋ ସାଥିରେ ଖେଳିବେ ବି।" ମମି କହିଲେ ଖିଲିଖିଲି ହସି ତାଳି ମାରି ଖୁସିରେ ଗଡ଼ିଗଲା ଗୁଡୁଲ୍।

ମେଘ ଭିତରୁ ହାଲ୍‌କା ଝାପ୍‌ସା ଦେଖାଦେଲେ ପୁଣି। ଧୀରେ ଧୀରେ ସଫା

ଦେଖାଦେଲେ ଜହ୍ନମାମୁଁ।

"ଆରେ, ତମେ ତ ବହୁତ ଦୁଷ୍ଟ। ମୁଁ କେତେ ଡାକିଲି ଆସିଲନି।'' ଗୁଡ୍ଡୁଲ ଗାଲ ଫୁଲେଇକି ଆଖି ବଡ଼ ବଡ଼ କରିକି କହିଲା।

"ମେଘ ସାଥିରେ ଫାଇଟ୍ କରୁଥିଲି। ମେଘ ହାରିଗଲା ମତେ ଛାଡ଼ିଦେଲା ଆଉ ମୁଁ ଗୁଡ୍ଡୁଲ ପାଖକୁ ଆସିଗଲି।'' କହିଲେ ଜହ୍ନମାମୁଁ।

"ମେଘ ତା ହେଲେ ଭଲ ପିଲା ନୁହଁ। ମୋ ଗନରେ ମେଘକୁ ମାରିଦେବି।'' କହିଲା ଗୁଡ୍ଡୁଲ୍।

"ମେଘକୁ ମାରିଦେଲେ ତମକୁ ପାଣି କିଏ ଦବ ?''

ଜହ୍ନମାମୁଁ କହିଲେ।

"ପାଣି ତ ମୁଁ ଟ୍ୟାପ୍‌ରୁ ପାଇବି। ମେଘ ତା' ପାଣି ନ ଦଉ।''

"ମେଘ ବର୍ଷା ହେଲେ ତମେ ସେ ପାଣିକୁ ପାଇବ। ନ ହେଲେ ଜମା ନୁହଁ''

"ଓହ ଏମିତି କଥା ! ! ତା ହେଲେ ଆଉ ମୁଁ ମେଘକୁ ମାରିବିନି।''

ଏମିତି ସବୁ କଥା ଚାଲିଥିଲା। ଜହ୍ନ ଆଉ ଗୁଡ୍ଡୁଲ୍ ଭିତରେ। ପୁଣି ଜହ୍ନମାମୁଁ ଲୁଚିଗଲେ।

"ମମି ମେଘ ଆମକୁ ପାଣି ଦିଅନ୍ତି। ଜହ୍ନ ମାମୁଁ କ'ଣ ଦିଅନ୍ତି ?'' ପଚାରିଲା ଗୁଗୁଲ୍ ମମିଙ୍କୁ।

"ଜହ୍ନ ଆମକୁ ତମେ ରାତିରେ ଶୋଇବା ବେଳେ ଯୋଉ ବେଡଲ୍ୟାମ୍ପ ଲଗାହୁଏ, ସେମିତି ହାଲ୍‌କା ଲାଇଟ୍ ଦିଅନ୍ତି ଆଉ ସୂର୍ଯ୍ୟ ଯିବା ପରେ ସବୁଆଡ ସୁନ୍ଦର କରି ଦିଅନ୍ତି।"" ମମି ଗୁଡ୍ଡୁଲ୍‌କୁ ଗେଲ କରି କହିଲେ, ଗୁଡ୍ଡୁଲ୍ ଦେଖିଲ କାହିଁ ଜହ୍ନମାମୁଁ ଏବେ ବି ନାହାନ୍ତି। ଆରେ ଏବେ ଜହ୍ନମାମୁଁ ଗାଡ଼ିର ଆଗରେ କ'ଣ ? "ପାପା ଗାଡ଼ି ଯୋର ଚଲାଅ। ଆମେ ଜହ୍ନମାମୁଁକୁ ପଛରେ ପକେଇ ଦେବା। ଗୁଡ୍ଡୁଲ୍ ପାଟିକଲା।

"ନା ! ନା ! ଗୁଡ୍ଡୁଲ୍ ରେସ୍ ନାହିଁ.... ଜମା ନାହିଁ।

ମୁଁ ପଛକୁ ଆସିଗଲି ତମ ପାଖକୁ।'' ଜହ୍ନମାମୁଁ କହିଲେ।

ଗୁଡ୍ଡୁଲ୍ ପୁଣି ପଛ ସିଟ୍‌ରେ ନାଚି କୁଦି କ'ଣ କ'ଣ ଗୀତ ସବୁ ଶୁଣେଇଦେଲା



ଜହ୍ନମାମୁଁଙ୍କୁ। "ଆଚ୍ଛା ! ତମେ ଥଣ୍ଡା ଥଣ୍ଡା ଲାଇଟ୍ ଦଉଚ। ମେଘ ପାଣି ଦଉଚି। ତା' ହେଲେ ମୁଁ କାହିଁକି ଅଛି ? ମୁଁ କଣ ଦେବି ? ପଚାରିଲା ଗୁଡୁଲ୍।

"ଆରେ ଗୁଡୁଲ୍, ତମେ ତ କୁନି ପିଲାଟେ। ଭଗବାନ ତ ତମ ପାଇଁ ଆମ ସମସ୍ତଙ୍କୁ କାମ ଦେଇଛନ୍ତି। ଆକାଶରେ ତାରା ଆଉ ମୁଁ ତମ ପାଇଁ ଚିକ୍‌ଚିକ୍ ଆଲୋକ ଦବୁ। ମେଘ ବର୍ଷା କରିବ। ପକ୍ଷୀ ଗୀତ ଗାଇବ। ପବନ ତମକୁ ଥଣ୍ଡା ରଖିବ। ମାଟିରେ ଗଛ ପତ୍ର ତମ ପାଇଁ ଖାଇବା ଦେବେ। ଜହ୍ନମାମୁଁ ହସି ହସି କହିଲେ।

"ହଉ... ହେଲା... ଠିକ୍ ଅଛି ହେଲେ ମୁଁ କ'ଣ କରିବି ? ମୁଁ କ'ଣ ପାଇଁ ଅଛି ? ଗୁଡୁଲ୍ ବ୍ୟସ୍ତ ହେଇ କହିଲା।''

"ତମେ କେବଳ ଭଲ ପାଇବ। ଆମ ସମସ୍ତଙ୍କୁ" କହିଲେ ଜହ୍ନମାମୁଁ।

"ଗଛପତ୍ର, ପକ୍ଷୀ, ପଶୁ, ନଦୀ, ସମୁଦ୍ର, ତାରା, ସୂର୍ଯ୍ୟ ଆଉ ମୁଁ ଆମେ ସବୁ ତମ ସାଙ୍ଗ । ତମେ ଆମକୁ ଭଲ ପାଇଲେ ଆମେ ସାଙ୍ଗ ହେଇ ଖୁସିରେ ରହିପାରିବ" ଓ ଏମିତି କଥା.... ମୁଁ ବହୁତ ଭଲ ପାଏ ତମକୁ । ଜହ୍ନମାମୁଁ.... ଆଇ ଲଭ୍ ୟୁ'' କହି ଓଠରେ ହାତ ଲଗେଇ ଗେଲ କଲା ଗୁଡୁଲ୍ ।

ପାପା, ମାମାଙ୍କ ସାଥିରେ ଗାଡ଼ିରୁ ଓହ୍ଲେଇ ଗଲାବେଳେ ବି ଗୁଡୁଲ୍ ଜହ୍ନମାମୁଁଙ୍କୁ ଗେଲ କରୁଥିଲା ।





# ମୂଷା ରାଜ୍ୟରେ ଦିନେ

ସେ ଦିନ ମୁଁ ଝାଡୁ ନେଇ ଦୌଡ଼ିଲି ମୂଷା ପଛରେ। ମୂଷା ଦୌଡୁଚି ଆଉ ମୁଁ ବି। ଘରେ ପୁରା ମତେ ଦୌଡ଼େଇ ଦେଲା ମୂଷା। ସେ ଜୀବନ ବିକଳରେ ଦୌଡୁଚି ଆଉ ମୁଁ ଝାଡୁକୁ ଏଇଠି ସେଇଠି ବାଡ଼େଇ ବାଡ଼େଇ ଦୌଡୁଚି। ହେଲେ ଦେଖ! ସେ ଗୋଟିଏ ଗାତ ପାଖକୁ ଦୌଡୁଚି। ମୁଁ କି ଛାଡ଼େ। ଆଜି ତ ମାରିବି ତାକୁ। "ହେ... ହେ... ଛାଡ଼'' ମୁଁ ଚିଲ୍ଲେଇଲି, ମୋ ଶାଢ଼ିର ଗୋଟିଏ ପାଖ ମୂଷାର ନଖରେ ଗଳିଯାଇଥିଲା। ଆରେ ବାପ୍‌ରେ ବାପ୍। ମୂଷା ମତେ ଟାଣି ନଉଚି, ତା'ର ପୁଣି ଏତେ ବଳ! ଗାତ ଭିତରକୁ ମୂଷା ଡେଇଁ ପଡ଼ିଲା ଓ ସାଥିରେ ମୁଁ ବି। ଅତର୍କିତ ଏହି

ଦୁର୍ଘଟଣାରେ ମୁଁ ପାଟିକଲି ଆ... ! "ରୋଲର କୋଷ୍ଟର''ର ଶେଷ ବେଳକୁ ଯେମିତି ଡର ଓ ଯନ୍ତ୍ରଣାରେ ଆଖି ବନ୍ଦ ହୋଇ ଆସେ ମତେ ଠିକ୍ ସେଇ ଭଳି ଲାଗିଲା। 'ଧମ୍' କିନା ମୁଁ ପୁଣି ଦୁଇ ଗୋଡ଼ରେ ଠିଆ ହୋଇଥିଲି ଗୋଟିଏ ଜାଗାରେ। ମୂଷାଟି ମୋ ପାଖରେ ତା' ନଖରୁ ମୋ ଶାଢ଼ି ବାହାର କରୁଥାଏ। ଆପାତତଃ ମୂଷାର ଚେହେରା ତା'ର ସାଧାରଣ ଚେହେରାଠାରୁ ପାଞ୍ଚ ଗୁଣ ବଡ଼ ଲାଗୁଥାଏ। ମୁଁ ସ୍ୱପ୍ନ ଦେଖିବା ଭଳି ଅନୁଭବ କରୁଥିଲି। କାରଣ ଏହିଭଳି ବିଚିତ୍ର ଘଟଣା ତ କେବେ ହେଇନି। ନିଜକୁ ସମ୍ଭାଳି ସାମ୍ନାକୁ ଦେଖିଲି, ଗୋଟିଏ ସୁନ୍ଦର ଗେଟ୍ ପାଖରେ ମୁଁ ଠିଆ ହେଇଛି। କି ସୁନ୍ଦର କାରୁକାର୍ଯ୍ୟରେ ଭର୍ତ୍ତି ସେହି ଗେଟ୍‌ଟି। ଅତି ଭଦ୍ର ଓ ମାର୍ଜିତ ମନେ ହେଉଥିବା ଗୋଟିଏ ବଡ଼ ମୂଷା ଆସି (ବଡ଼ ମାନେ ପାଖାପାଖି ମୋରି ଉଚ୍ଚର)। କିଛି ଗୋଟିଏ ସ୍ପ୍ରେ କରିବାରେ ଲାଗିଲା। ମୁଁ ତୁରନ୍ତ ବୁଝିଗଲି ଏମାନେ ବି ସାନିଟାଇଜର ବ୍ୟବହାର କରୁଛନ୍ତି। ମୋ ଦେହ ସାରା ସ୍ପ୍ରେ କରିବା ପରେ ମତେ ଲାଗିଲା ଯେ ମୋର ଦେହ ବଥା ମଧ୍ୟ ଚାଲିଗଲା। ସେ ଯେଉଁ ଗାତ ଭିତରେ ଟାଣି ଓଟାରି ହୋଇ ଆସିଲି ସେଇ କଷ୍ଟ ବି ନାହିଁ, ଦେହ ଓ ମୋ ପୋଷାକ ସବୁ କିଛି ସଫା ଲାଗୁଥିଲା। ନରମ ଗଳାରେ ମୂଷାଟି କହିଲା "ଆସନ୍ତୁ'। ଅଜବ ସ୍ୱର ନିଶ୍ଚୟ ପୁଣି ମୂଷା ମୁହଁରୁ କଥା...। ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି।

ଭିତରକୁ ଯାଇ ଦେଖିଲି ବିରାଟ ପ୍ରସାଦ, ଆଖି ପାଉନି। ଯୋଉଠି ଦେଖ କି ସୁନ୍ଦର କାରୁକାର୍ଯ୍ୟ ଭଳି ଭଳିକି ଫୁଲ, ପତ୍ର, ଡାଳରେ ଚିତ୍ରରେ ଭରି ରହିଥିଲା ସେ ମହଲ। ମୂଷାମାନଙ୍କ ନାଚ, ଗୀତର ଚିତ୍ର, ଲାଞ୍ଜକୁ ଲାଞ୍ଜ ଛନ୍ଦି କେତେ ଭଙ୍ଗି ବାବାରେ....। କୋଉଠି ମୂର୍ତ୍ତି ଭଳି ସେ ସବୁ ଉଠି ଉଠିକି ରହିଛନ୍ତି ଓ ଅତି ଜୀବନ୍ତ ଲାଗୁ ଥାଆନ୍ତି ତ କୋଉଠି ଫୋଟ ଭଳି। ଆମେ ନଷ୍ଟ କରି ଦଉଥିବା ଜିନିଷ ଓ ଛୋଟ ଛୋଟ କାଗଜର ଖଣ୍ଡକୁ ସଜେଇ କେତେ କ'ଣ କରିଛନ୍ତି ସେମାନେ। ଯେତେ ନିରେଖି ଦେଖୁଚି ମନ ଭରୁନି।

କାଠ ଖଣ୍ଡମାନଙ୍କରେ ତିଆରି ଆସବାବପତ୍ର ଓ ଘରକରଣା ଜିନିଷ ସବୁ। କ'ଣ ବା ନଥାଏ ସେଇଠି। ମୃଦୁ ପାନୀୟ ସହିତ କିଛି ବିସ୍କିଟ୍ ଆଣି ସୁନ୍ଦର ପୋଷାକ ପିନ୍ଧା



ମୂଷା ଗୋଟିଏ ଆସି ମତେ ବସିବା ପାଇଁ ଅନୁରୋଧ କଲେ ଓ ତା'ଙ୍କ ରାଣୀ ମତେ ଏଠିକି ଆଣିଛନ୍ତି କିଛି କଥାବାର୍ତ୍ତା ପାଇଁ ବୋଲି ଜଣାଇଲେ ।

ବାକ୍‌ଶୂନ୍ୟ ମୁଁ କେବଳ ମୁଣ୍ଡ ହଲେଇ ପାରିଲି । ଯୋଉ ଅସନା ମୂଷା ଆମେ ଦେଖୁଛେ ସେ ପୁଣି ଏତେ ସଫା ଆଉ ମାର୍ଜିତ ।

ମୁଁ ସେମାନଙ୍କ ଦ୍ୱାରା ନିର୍ମିତ ଏକ ସୋଫା ଉପରେ ବସିଥାଏ । ମୋ ସାମ୍ନାରେ ଫୁଲଭଳି ଦେଖା ଯାଉଥିବା ପ୍ଲେଟ୍‌ରେ ସଜେଇ ହେଇଥାଏ କିଛି ମିଷ୍ଟାନ୍ନ । କାଚ ଟୁକୁଡ଼ାକୁ ଯୋଡ଼ି ତିଆରି ଗ୍ଲାସରେ ଥାଏ ପାନୀୟ । ଖାଇବି, ନ ଖାଇବି ଭାବି ଟିକିଏ ଆଣି ପାଟିରେ ପକାଇଲି । ସୁସ୍ୱାଦୁ ନିଶ୍ଚୟ । ଏହି ସମୟରେ ଗୋଟିଏ ଲମ୍ବା କୋଟ୍ ଗାଉନ୍ ପିନ୍ଧା ଓ ଗୁଡ଼େ ଅଳଙ୍କାର ପିନ୍ଧିଥିବା ଜଣେ ମୂଷା ଆସି ପହଞ୍ଚିଲା । ଚକ୍‌ମକ୍ ହୋଇ ଉଠିଲା ଘରିଆଡ଼େ । ଯେହେତୁ ସେ ଛୋଟ ଛୋଟ ଦର୍ପଣକୁ ଭାଙ୍ଗି ତିଆରି ହେଇଥିବା ମୁକୁଟ ଓ ଲମ୍ବା ହାର ପିନ୍ଧିଥିଲା । ସେମିତି ଅଜବ ସ୍ୱରରେ ସେ କହିଲା, "ମୁଁ ମୂଷାମାନଙ୍କର ରାଣୀ" ।

ମୁଁ କହିଲି "ହାଁ ଆଁ ଆଁ... ମୂଷାମାନଙ୍କ ରାଣୀ ବି ଥାଆନ୍ତି ?''

ସେ କହିଲା, "କାହିଁକି ନାହିଁ ?''

ମୁଁ କହିଲି, "ଆଚ୍ଛା''। କିଛି ସମୟ ପରେ ମୁଁ ପୁଣି କହିଲି, "ମତେ ଏଠିକି କାହିଁକି ଆଣିଲ।''

ସେ କହିଲା, "ବହୁତ ଦିନ ହେଲା ଆମ ଟେକ୍ନୋଲୋଜି ଅପ୍‌ଡେଟ୍ ହେଇନି। ସେଥିପାଇଁ ମୁଁ ଆପଣଙ୍କଠାରୁ କିଛି ଶିଖିବାକୁ ଚାହିଁଲି।''

ଆଶ୍ଚର୍ଯ୍ୟରେ ମୋ ହାତରୁ ଯାହା ଖାଉଥିଲି ଖସିପଡ଼ିଲା।

"ଟେକ୍ନୋଲୋଜି...ଅପ୍‌ଡେଟ୍...ଆଚ୍ଛା''


ଏତିକି କହି ପାରିଲି।

"ହଁ, ମତେ ମିଳିଥିବା ଡେଟା ଅନୁସାରେ ଆପଣ ଜଣେ ଟିଚର ଯିଏ ଛୁଆଙ୍କୁ ବି ପଢ଼ାନ୍ତି ଓ ତାଙ୍କ ମମ୍ମାନଙ୍କୁ ବି। ସେ କହିଲା।

"ହେଁ... ଡେଟା....' ମୁଁ ହକ୍‌କା ବକ୍‌କା ରହିଗଲି।

"ଆପଣଙ୍କ ଫଟୋ ଦେଖିଥିଲି। ଲମ୍ବା ଚୁଟି ଆଉ ହାଲ୍‌କା ମେକ୍‌ଅପ୍ ମତେ ଅତି ସୁନ୍ଦର ଲାଗିଲା। ତେଣୁ ଆମ ଏଜେଣ୍ଟକୁ କହିଥିଲି ଆପଣଙ୍କୁ ଆଣିବା ପାଇଁ। ସେ କହିଲା।





"ଏଜେଣ୍ଟ...ମାନେ ସେ ମୂଷା ଥିଲା ଏଜେଣ୍ଟ ? କ'ଣ ଏ ସବୁ ?'' ମୁଁ କହିଲି।

"ଆମ ମୂଷା ଦୁନିଆଁ ଠିକ୍ ଆପଣଙ୍କ ଦୁନିଆଁ ତଳେ ରହିଛି। ଆମେ ବି ଆପଣଙ୍କଭଳି ରହିବା ପସନ୍ଦ କରିଥାଉ। ଆପଣମାନେ ଯେଉଁ ଖାଇବା ଜିନିଷ ଆଉ ସବୁ ପ୍ରକାର ଜିନିଷ ଫୋପାଡ଼ି ଦିଅନ୍ତି ସେଥିରେ ଆମ ଦୁନିଆ ତିଆରି। ସେ ମତେ ତା'ପଛରେ ଯିବା ପାଇଁ ଅନୁରୋଧ କଲା। "ଆପଣମାନେ ଯାହା ବ୍ୟବହାର କରନ୍ତି ତାହାଠୁ ଅଧିକା ନଷ୍ଟ କରନ୍ତି। ଆଉ ସେଇ ଅଦରକାରୀ ଜିନିଷ ଆମ ଏଜେଣ୍ଟମାନେ ଆପଣଙ୍କ ଦୁନିଆରୁ ଆମ ଦୁନିଆକୁ ଆଣନ୍ତି। ସେମାନେ ଆମର ସୈନ୍ୟ ଭଳି କାମ କରନ୍ତି। ଜୀବନକୁ ଖାତିର ନ କରି ସେମାନେ ଅନବରତ ଏହି କାମ କରି ଚାଲିଥାଆନ୍ତି।'' ସେ କହିଲା, "ଏତେ କଥା ପୁଣି ରହିଛି। ଆମେ ତ କିଛି ଜାଣିନୁ।'' ମୁଁ କହିଲି।

"ହେଇ ଦେଖ ଆମ ଭଣ୍ଡାର ଘର।'' ସେ କହିଲା। କେତେ ଯେ କେତେ ଧାନ, ଚାଉଳ, ଗହମ, ମକା, ବିସ୍କିଟ୍, ଚକୋଲେଟ୍, ଆମେ ଫୋପାଡ଼ି ଦଉଥିବା ଖାଇବା ଜିନିଷ, ଫଳ, ପନିପରିବା, କାଗଜପତ୍ର, କାଠ ଟୁକୁଡ଼ାରେ ଭର୍ତ୍ତି ଥିଲା। ସେ ଜାଗାଟି।

"ତମେମାନେ କେତେ ଶୃଙ୍ଖଳିତ ଭାବେ କାମ କର ନା' ମୁଁ କହିଲି।

"ଆମର ସବୁ ଡିପାର୍ଟମେଣ୍ଟ ପାଇଁ ଜଣେ ଜଣେ ଥାଆନ୍ତି 'ଇନ୍‌ଚାର୍ଜର'। ଏହି ସିଷ୍ଟମ ଆମେ ଶିଖିଛୁ ସୁଧା ମେମ୍‌ଙ୍କଠୁ।

"ସୁଧା ମେମ୍... ?'' ମୁଁ କହିଲି "ସୁଧା ମୂର୍ତ୍ତି'' ସେ କହିଲା।

"ସେ ବି ଆସିଥିଲେ ?'' ମୁଁ କିଛି ସମୟ ଠିଆ ହୋଇଗଲି।

"ହଁ'' ସେ କହିଲା।

ଆହୁରି କେତେ କ'ଣ ଗପିଲା।

ମୋ ଠୁ କିଛି ରୋଷେଇର ହେଲଦି ଟିପ୍ସଠୁ ମୋ ଲିପ୍‌ଷ୍ଟିକ୍‌ର ସେଡ୍ ଯାଏଁ, କିଛି ଆମ ଦୁନିଆର କଥା କିଛି ତାଙ୍କ ଦୁନିଆ କଥା ହେଇ ସମୟ କୁଆଡ଼େ ପଳେଇଲା। ମୁଁ ବୁଝିପାରିଲିନି।

ମୁଁ କହିଲି, ମୁଁ ଯିବି।

ଆଚ୍ଛା ଆପଣମାନେ ଏତେ ଜିନିଷ ନଷ୍ଟ କାହିଁକି କରନ୍ତି ? ଗୋଟିଏ କଥା ଆମେ ଚର୍ଚ୍ଚା କରୁଥିଲୁ ଯେ, ଆଜିକାଲି ବହୁତ ବହି ଅଦରକାରୀ ହେଇଯାଉଛି ମଣିଷ ସମାଜରେ। ଏମିତି କାହିଁକି ? ସେ କହିଲା।

ଆଗରୁ ତ କେତେ ଚିଠି ଆମ ଏଜେଣ୍ଟମାନେ ସଂଗ୍ରହ କରି ଆଣୁଥିଲେ। ଆଜିକାଲି ଆଉ ପାଉନୁ। ଆମେ ସେହି ଚିଠିମାନଙ୍କୁ ଏକାଠି କରି ପୁସ୍ତକ ମହଲ ତିଆରି କରିଛୁ। ସେ ପୁଣି କହିଲା।

ଟିକେ ଝଲାକ୍ ହେଇ ମୁଁ ଉତ୍ତର ଦେଲି। "ଆମେ ନଷ୍ଟ କରୁଛୁ ବୋଲି, ତୁମେ ଆଣି ସଜାଡ଼ି କେତେ କ'ଣ ତିଆରି କରିଛ। ସୃଷ୍ଟିର ନିୟମ ଅନୁସାରେ ହିଁ ସବୁ ଘଟୁଛି।

ହଁ! ଆଉ ରହିଲା ବହି କଥା, ଆମେ ଆଜିକାଲି ଇ-ବୁକ୍ ବ୍ୟବହାର କରୁଛୁ। ଆଗକୁ ବୋଧେ ଆଉ ବହି ବା ପେପର ବୋଲି କିଛି ରହିବନି। ଆଡ଼ଭାନ୍ସ ଟେକ୍ନୋଲୋଜି...''

ଚିଠିକୁ ତ ମୁଁ ବି ବହୁତ ମନେ ପକାଉଛି। ଦୀର୍ଘ ନିଶ୍ୱାସ ନେଇ ମୁଁ କହିଲି।

"ଆସ ତୁମକୁ ମୁଁ ଚିଠି ଲେଖିବା ଶିଖେଇବି। କହିଲି ଓ ତାକୁ ଚିଠି ଲେଖିବା

ଶିଖେଇ ମୁଁ ସେଠାରୁ ଆସିବାକୁ ବାହାରିଲି । ଗୋଟିଏ ସୁନ୍ଦର ପ୍ୟାକେଟେରେ କିଛି କାରୁକାର୍ଯ୍ୟ ଭରା ଜିନିଷ ସେ ମତେ ଉପହାର ବି ଦେଲା ।

ଏବେ ଭାବୁଛି ସେ ସେହି ଚିଠିକୁ ପୋଷ୍ଟ କୋଉଠି କରିବ ?

😐😐😐





# ସମସ୍ତେ ସୁନ୍ଦର

ବହୁତ ଦିନ ପରେ ଘରକୁ ଜେଜେ ଆସିଛନ୍ତି । ଗୁଡ଼ିଆର ମନ ଆଉ ସ୍କୁଲ ନା ଭିଡିଓ ଗେମ୍ ନା ଟିଭି, କୋଉଠି ବି ଲାଗୁନି । ଜେଜେଙ୍କ ପାଖେ ରହିବା ଗୁଡ଼ିଆକୁ ଭାରି ଭଲ ଲାଗେ । ସକାଳୁ ଜେଜେଙ୍କ ସାଥିରେ ୱାକ୍‌ରେ ଯାଏ । ଆକାଶ, ପାତାଳ ଏକ କରି ପ୍ରଶ୍ନ କରେ, ଜେଜେ ଏଇଟା କୋଉ ଗଛ ? ସେଇଟା କୋଉ ଫୁଲ, ସେଇଟା କୋଉ ପକ୍ଷୀ ? ଇତ୍ୟାଦି । ଜେଜେ ମଧ୍ୟ ଗୁଡ଼ିଆ ପାଖରେ ବହୁତ ଖୁସ୍ । ତା ପ୍ରଶ୍ନକୁ ଜେଜେଙ୍କ ଉତ୍ତର ପୁରା ଠିକ୍ ଠିକ୍ ଚାଲିଥାଏ ।

ଦିନେ ରବିବାର ହୋଇଥାଏ । ଗୁଡ଼ିଆ ସକାଳୁ ଉଠି ପୁରା ଡ୍ରେସ୍, ମୋଜା, ଯୋତା ପିନ୍ଧି ଜେଜେଙ୍କ ସାଥୀରେ ଯିବା ପାଇଁ ବାହାରିଲା ।

କିଛି ବାଟ ଚାଲିବା ପରେ ଜେଜେ ଓ ଗୁଡ଼ିଆ ପାର୍କର ଚେୟାରରେ ବସିଗଲେ । ରବିବାର ଯୋଗୁଁ ପାର୍କକୁ ଗୁଡ଼େ ପିଲା ଆସିଥାଆନ୍ତି ଖେଳିବା ପାଇଁ । ଜେଜେ ସମସ୍ତଙ୍କୁ



ଡାକିଲେ । ପାଖକୁ ଡାକି ଜେଜେ ସମସ୍ତଙ୍କୁ ଗେଲ କଲେ ଆଉ ଚକୋଲେଟ୍ ଦେଲେ । ହେଲେ ଗୁଡ଼ିଆର 'ମୁଡ ଅଫ୍' । ମୁହଁ ଫୁଲେଇ ବସିଲା । ସମସ୍ତେ ଯିବା ପରେ ଗୁଡିଆକୁ ଜେଜେ ପଚାରିଲେ 'କିରେ କ'ଣ ହେଲା' ?

"ମୁହଁଟା କାହିଁ ଖରାପ ଦେଖାଗଲା ।" ଫୁଲେଇ ଗୁଡିଆ ଗାଲ ଫୁଲେଇ ଆଖି ବଡ଼ ବଡ଼ କରି କହିଲା, 'କଚ୍ଚି ! ଦେଖିଲ ସେ ପିଲାମାନେ କ'ଣ ମୋ ଭଳି ସୁନ୍ଦର ଆଉ ସଫା ହେଇଛନ୍ତି ? ତମେ ବହୁତ ସେମାନଙ୍କୁ ଗେଲ କଲ' ?

'କୁହ ମୁଁ ଭଲ ନା ସେମାନେ' ?

ଜେଜେ ଖାଲି ହସିଲେ । କିଛି କହିଲେ ନି । ପୁଣି ପାର୍କରେ ବୁଲିଲେ ଜେଜେ ଆଉ ଗୁଡିଆ । ପାର୍କରେ କେତେ ପ୍ରକାର ଗଛ କେତେ ଫୁଲ ।

ବର୍ତ୍ତମାନ ଜେଜେ ଗୁଡିଆକୁ ପଚାରିଲେ ।

'ଆଛା ମାମା, କହିଲୁ ଏଇ ସବୁ ଫୁଲ ଭିତରୁ କୋଉଟା ସୁନ୍ଦର' ?

'ସେ ରୋଜ୍ ଟା, ନା..... ନା...... ସେ ହଳଦିଆ ଫୁଲଟା, ନା......... ଜେଜେ

ଦେଖ ଏଇ ବ୍ଲ୍ୟୁ ଫୁଲଟା ସବୁଠୁ ସୁନ୍ଦର। ନା ମତେ ଗୋଟିଏ ଫୁଲ କହ ଯୋଉଟା ସବୁଠୁ ସୁନ୍ଦର।' ଜେଜେ କହିଲେ।

'ନା, ସବୁ ଫୁଲ ସୁନ୍ଦର। ମୁଁ କେମିତି କହିବି କୋଉଟା ସବୁଠୁ ସୁନ୍ଦର' ? ତମେ ନା ଜେଜେ। ବହୁତ କଷ୍ଟ କୋଶ୍ଚିନ୍‌ଟା ପଚାରୁଚ।

'ନା, ନା ମୁଁ ସେମିତି କହି ପାରିବିନି। ମତେ ତ ସବୁ ଭଲ ଲାଗେ'। ଗୁଡିଆ କହିଲା।

'ମାମାରେ ଦେଖ ଏଇ ଫୁଲମାନଙ୍କୁ କିଏ ତିଆରି କଲେ ? ଆଉ ଏଇ ଗଛ ପତ୍ରଙ୍କୁ' ? ଜେଜେ ଥକ୍କା ହେଇ ବସୁ ବସୁ କହିଲେ।

'ଗଡ ମାନେ ଭଗବାନ୍', ଡେଇଁ ଡେଇଁ କହିଲା ଗୁଡ଼ିଆ।

'ଆଛା ଯଦି ସବୁ ଫୁଲ ଏକା ପ୍ରକାର ହୁଅନ୍ତେ କ'ଣ ଭଲ ଲାଗନ୍ତା' ? ଜେଜେ ପଚାରିଲେ।

'ହୁମ୍..........ନାଃ ଭାବି ଚିନ୍ତି କହିଲା ଗୁଡ଼ିଆ'।

'ଆଛା ମୁଁ ଯେମିତି ଦେଖାଯାଉଚି ଯଦି ତୋ ବେଷ୍ଟ ଫ୍ରେଣ୍ଡର ଜେଜେ ଆଉ ଯେତେ ଜେଜେ ଅଛନ୍ତି ସମସ୍ତେ ଯଦି ଏକା ଭଳି ଦେଖାଯାଆନ୍ତେ, କ'ଣ ହୁଅନ୍ତା' ? ଜେଜେ ହସି ହସି କହିଲେ।

'ନା...... ନା..... ସେମିତି ହବନି' ଗୁଡିଆ ଚିଲ୍ଲେଇଲା, ଜେଜେଙ୍କ ପାଖରେ ଲାଗିଗଲା ଗୁଡିଆ।

'ଶୁଣ ! ଆମେ ସମସ୍ତେ ଅଲଗା ଅଲଗା ଦେଖିବାକୁ। ଆମକୁ ଭଗବାନ ତିଆରି କରିଛନ୍ତି। ଯେମିତି ସବୁ ଫୁଲ ଅଲଗା ସବୁ ଗଛ ପତ୍ର, ସବୁ ଜିନିଷ ଅଲଗା, କିନ୍ତୁ ନିଜେ ନିଜେ ସମସ୍ତେ ସୁନ୍ଦର। ତେଣୁ କେହି ଅସୁନ୍ଦର ନୁହଁ କେହି ଅସନା ନୁହଁ'। ଜେଜେ ଗୁଡିଆକୁ ଗେହ୍ଲା କରି ବୁଝେଇଲେ।

'ବୁଝିଲି ମୁଁ ବି ସୁନ୍ଦର, ସେ ବି ସୁନ୍ଦର ଆଉ ଜେଜେ ତମେ ବି ସୁନ୍ଦର ଆଉ ଆମେ ସମସ୍ତେ ସାଙ୍ଗ। ସମସ୍ତେ ଫ୍ରେଣ୍ଡ।' କହିଲା ଗେହ୍ଲେଇ ଗୁଡ଼ିଆ।



# ହାତୀ ଓ ସିଂହର ଲଢ଼େଇ

ଜଙ୍ଗଲରେ ଅନେକ ପଶୁ ରହନ୍ତି। ସମସ୍ତଙ୍କ ଆକାର ଓ ପ୍ରକାରରେ ପ୍ରଭେଦ ରହିଛି। ସେମିତି ସମସ୍ତଙ୍କ ବୁଦ୍ଧିରେ ମଧ୍ୟ ପ୍ରଭେଦ ରହିଛି। କେହି ହିଂସ୍ର, ତ କେହି ଶାନ୍ତି। କେହି କୌତୁକୀଆ ତ କେହି ଅଳସୁଆ। ବାଘ, ସିଂହ ପ୍ରଭୃତି ମାଂଶାସୀ ପ୍ରାଣୀ। ଅତି ଭୟଂକର। ହାତୀ ଭୀଷଣକାୟ ହେଲେ ବି ତୃଣଭୋଜୀ, କୋଳିଣୀଆଳି ଛୋଟ ହେଲେ ସୁଦ୍ଧା ଆକାରରେ, ସେ ମାଂସାସୀ, ଠେକୁଆ, ତୃଣଭୋଜୀ। ଥରେ ହାତୀ ଓ ସିଂହ ମଧ୍ୟରେ ନିଜ ବଳ, ପରାକ୍ରମ ଓ ଆକାରକୁ ନେଇ ରାଜପଦ ପାଇଁ କଳି ଲାଗିଲା। ହାତୀ କହିଲା ଜଙ୍ଗଲର ରାଜା ମୁଁ ହେବା କଥା। ମୋ ଭଳି ଭୀଷଣକାୟ

କେହି ଅଛି ? ସିଂହ କହିଲା ମୁଁ ସିଂହ ରାଜା । ମୋ ଭଳି ବଳଶାଳୀ କେହି ନାହିଁ ।

ସିଂହର ଗର୍ଜନ ଓହାତୀର ପେଁ ପେଁ ଶବ୍ଦରେ ଜଙ୍ଗଲ ଦୁଲୁକିଲା । ଖାଲି ଉଠିଲା ପଡ଼ିଲା । ସବୁ ପଶୁ ପକ୍ଷୀ ଡରରେ ଦୂରରୁ ଦେଖୁଥାଆନ୍ତି । ସମସ୍ତେ ଭୟଭୀତ ହୋଇ ଚାହିଁ ରହିଥାଆନ୍ତି । ଡରରେ ପାଖ ପଶୁ ନଥାନ୍ତି । କୋକିଶିଆଳି ମହା ଚତୁର । ସେ ଆସି ହୁଇସିଲ ଟିକୁ ବଜାଇଲା । ସିଂହ ଓ ହାତୀ । ପଚାରିଲେ କିରେ କ'ଣ କହୁଛୁ ? କୋକିଶିଆଳି କହିଲା, ଆମେ ସବୁ ପଶୁ ଚାହୁଁଛୁ ଗୋଟିଏ ଯୁଦ୍ଧ ହେଉ । ଦୁଇ ବଳଶାଳୀଙ୍କ ମଧ୍ୟରୁ ଯିଏ ଯିତିବ, ଆମେ ତା'କୁ ରାଜା ମାନିବୁ । ତାହା ହିଁ ଠିକ୍ ହେଲା । ସମୟ, ସ୍ଥାନ, ଇତ୍ୟାଦି ନିର୍ଦ୍ଦିଷ୍ଟ କରାଗଲା । ଗଛମାନଙ୍କରେ ମାଙ୍କଡ ଓ ଜାତି ପ୍ରଜାତିର ପକ୍ଷୀ ବସିଗଲେ ଲଢ଼େଇ ଦେଖିବା ପାଇଁ କଇଁଛ, କୁମ୍ଭୀର, ମାଛ ଇତ୍ୟାଦି ପାଣିରୁ ମୁଣ୍ଡଟି ଉଠା ଚାହିଁ ଥାଆନ୍ତି ।

ଅନ୍ୟ ସମସ୍ତ ପଶୁ ଦୂରରେ ଆସି ରୁଣ୍ଡ ହେଲେ । ଲଢ଼େଇ ଦେଖିବା ସମସ୍ତଙ୍କ ଇଛା କିନ୍ତୁ ଡ଼ର ବି ପ୍ରବଳ । କାଳେ କିଛି ଅସୁବିଧା ହେବ । ସିଂହ ରାଜା ଆମକୁ ଗୋଟା ଖାଇଯିବ । ହାତୀ ଆମକୁ ମାଡ଼ିଯିବ । କୋକିଶିଆଳି ମହାଧୂର୍ତ୍ତ । ସେ ହେଲା ରେଫରି । ମଝିରେ ଠିଆ ହୋଇ ହ୍ୱିସିଲ୍ ବଜାଇ ଲଢ଼େଇ ଆରମ୍ଭ କଲା ।

ଯେତେବେଳେ ଦେଖେ ସିଂହ ଜିତୁଚି, ଚୁପ୍‌କିନି କାଠିଟିଏ ତା କାନରେ ପୁରେଇ



ଦିଏ। ପୁଣି ହାତୀର ପାଦରେ କଣ୍ଟାଟିଏ ଫୋଡ଼ିଦିଏ।

ଏମିତି ଚାଲିଲା ଲଢ଼େଇ। କେହି ବି ଜିତି ପାରୁନଥାନ୍ତି। ଏମିତି ସମୟରେ ହାତୀ ବି ହାଲିଆ, ସିଂହ ବି। ହାତୀ ଦେଖିଲା କୋକିଶିଆଳୀର ଚାତୁରୀ। ସେ ସିଂହର କାନରେ କଣ କହୁଚୁ ? ହାତୀ ଗର୍ଜିଲା।


ଏଥର ସିଂହ ଓ ହାତୀ କଥା ହେଲେ ଆରେ ଆମକୁ ଲଢ଼େଇ ମଜା ନଉଚି କି ଏହି ସାମାନ୍ୟ କୋକିଶୀଆଳୀ ? ଦୁହେଁ ଧରି ଖୁବ୍ ବାଡ଼େଇଲେ କୋକିଶିଆଳୀକୁ। ତା ପରେ ଭାବିଲେ। ଆରେ ଆମେ ଲଢ଼ିଲେ କାହାର କିଛି ବି ଭଲ ହେବାର ନାହିଁ। ବରଂ ଆମ ଦୁର୍ବଳତାର ଫାଇଦା ଉଠାଉଛି ଏହି ଛୋଟ ପ୍ରାଣୀଟି। ନାଃ ! ଆଉ ଝଗଡ଼ା ନାହିଁ। ଏଥର ଆମେ ବୁଦ୍ଧମାନ ଭଳି କାର୍ଯ୍ୟ କରିବା ଓ ମିଳିମିଶିକି ରହିବା। ସେହି ଦିନଠୁ ସିଂହ ଓ ହାତୀ ଆଉ କେବେ ବି ଲଢ଼ି ନାହାଁନ୍ତି। ଯଦି ପଶୁମାନେ ଏତେ କଥା ଜାଣୁଛନ୍ତି କ'ଣ ଆମେ ଜାଣିବାନି। ଲଢ଼ିବାରେ ନୁହଁ ବରଂ ଭାବିଚିନ୍ତି କାମ କରିବାରେ ବୁଦ୍ଧିମାନି ଥାଏ।





# ମୁଁ ହସିବି ଖୁସି ରହିବି

ଗୁଣ୍ଡୁଚି ଭାଇ ସକାଳୁ କୋଟ ପିନ୍ଧି, ଟୋପି ପିନ୍ଧି, ଯୋତା ଓ ଲଣ୍ଡନରୁ ଯେତେ ଆଣିଥିବା ଭଲ ଯୋତା ଟା ପିନ୍ଧି ବାହାରିଲା ବୁଲିବାକୁ। ପାଗଟା ଭାରି ସୁନ୍ଦର ହେଇଥିଲା। ସୁଲୁସୁଲିଆ ପବନକୁ ଅଳ୍ପ ଖରା ପୁଣି ସକାଳର ଜଳଖିଆରେ ଗୁଣ୍ଡୁଚି ଭାଇ ଖୁସ୍। ଖାଲି ଯାହା ମନକୁ ଖରାପ କରୁଥାଏ କାଲି ସେ କାର୍‌ର ହରକତ। ବହୁତ ଦିନରୁ ସେ ଯୋଉ ଆମ୍ବକୁ ଆଖେଇ ଥିଲା, ଦୁଷ୍ଟ କାଉ ଆସି ସେଥିରେ ଥଣ୍ଟ ମାରି ମାରି ନଷ୍ଟ କରିଦେଲା। ବଉଳରୁ କଷି ଆମ୍ବ ଆଉ ପୁଣି କଷି ରୁ ବଡ଼ ଓ ବଡ଼ରୁ ପାଚିବା ଯାଏଁ ଅପେକ୍ଷା କରିଚି ଗୁଣ୍ଡୁଚି।



ମନେ ମନେ କାଉ କୁ ଗାଳି କରି କରି ଚାଲିଛି । ପ୍ରଜାପତି ଟିଏ ସୁନ୍ଦର ଗୀତଗାଇ ଗାଇ ତା ମୁହଁ ପାଖେ ଉଡିଗଲା । ବିରକ୍ତ ହୋଇ ପୁଣି ଦେଖିଲା ପ୍ରଜାପତି କଣ ଦିନ ସାରା ଗୀତ ଗାଉଛି । ଆରେ ପ୍ରଜାପତି ତରକା ଅତି କୁଆଡେ ଯାଇ କୁଆଡ଼େ ଆସୁ କାଇଁ ମୋ ପାଖେ ତୁ ଆସି ନ ବସୁ ?

ରଙ୍ଗୀନ ପ୍ରଜାପତିଟି ପବନରେ ଭାସି ଯାଉଥିଲା ଗୁଣ୍ଡୁଚିର ଗୀତ ଶୁଣି, ପୁଣି ଗୀତ ଗାଇ ଗାଇ... ଉଡି ଆସି ଡେଣା ମେଲାଇ ବସି ରହିଲା ଗୁଣ୍ଡୁଚି ପାଖେ ।

ପାଳିର ଗୋଟିଏ କୋଣରେ ଗୁଣ୍ଡୁଚି ଓ ପ୍ରଜାପତି ଗପ କରୁଥାନ୍ତି । ଗୁଣ୍ଡୁଚି କହିଲା, ତୁ ତ ଭଲ ଖୁସି ରହୁ । ତତେ କଣ ଦୁଃଖ ଲାଗେନି ?

ପ୍ରଜାପତି କହିଲା, ଦୁଃଖ ? ସେ ପୁଣି କ'ଣ ?

ଗୁଣ୍ଡୁଚି କହିଲା, ତତେ ରାଗ ଲାଗେନି ?

ପ୍ରଜାପତି ଆଶ୍ଚର୍ଯ୍ୟ, ଗୁଣ୍ଡୁଚି ଭାଇ କ'ଣ କହୁଚି ?

"ରାଗ ନାଇଁ"

ଗୁଣ୍ଡଚି କଥାଟାକୁ ଆଉ ଟିକିଏ ସରଳ କଲା, ଶୁଣ ତୁମେ ଯୋଉ ଫୁଲରୁ ମହୁ ଶୋଷ ଯଦି ତାକୁ ଅନ୍ୟ କେହି ନେଇଯାଏ ? ତୁମେ କ'ଣ ତେବେ ବି ଦୁଃଖୀ ହବନି ? ତେବେ ବି ରାଗିବନି ? ପ୍ରଜାପତି ହସି କହିଲା, ନାଁରେ ଭାଇ ତାକୁ ବି ତ ଭୋକ ଲାଗୁଥିବ । ତାର ବି ଦରକାର ଥିବ । ପୁଣି କେତେ ତ ଫୁଲ ଅଛି । ମୁଁ ଆଉ କୋଉ ଫୁଲରୁ ବି ମହୁ ନେଇଯିବି । ପାର୍କରେ ଥିବା ଫୁଲ ଗୁଡ଼ିକ ଉପରେ ବସି ଘେରାଏ ବୁଲୁ ବୁଲୁ କହିଲା ପ୍ରଜାପତି ।

ଗୁଣ୍ଡୁଚି ତଳକୁ ମୁଣ୍ଡ କରି ଭାବିଲା ହଁ ! ଠିକ୍ କଥା ତ...

ଅଚ୍ଛା, ଯଦି ତମ ଏ ସୁନ୍ଦର ରଙ୍ଗ କେହି ନେଇ ଯାଏ ତା ହେଲେ ? ଗୁଣ୍ଡୁଚି ପୁଣି ପଚାରିଲା ।

ମୁଁ ତ ଉଡି ଉଡିକା ଯିବି । କେତେ ଫୁଲରୁ କେତେ ରଙ୍ଗ ଛଡ଼େଇ ଆଣିବି । କହି କହି ପ୍ରଜାପତି ଉଡିଗଲା ।

'ଗୁଣ୍ଡୁଚି ମୂଷା ଏକଲା ବସି ଭାବିଲା',

'ମୁଁ ହସିବି, ହସେଇବି'

'ମୁଁ ଖୁସି ହେବି, ଖୁସି କରେଇବି'

'ଆଜି ଶିଖିଲି ଏଇ ଜ୍ଞାନ'

'ମନରେ ସର୍ବଦା ରଖିବି ଧ୍ୟାନ' ।



# ପପୁଲ୍, ଗୁଡୁ ଓ ବବି

ପପୁଲ୍ ଧୂଳି ହେଇ ଲୁହ ଟଳମଳ ଆଖିରେ ଆସି ମମି ପାଖରେ ହାଜର।

କ'ଣ ହେଲା ? ପଚାରିଲେ ମମି।

ପପୁଲ୍ କହିଲା– ଗୁଡୁ ବହୁତ ଖରାପ ତା'ସାଥୀରେ କେବେବି ଖେଳିବିନି।

କାଇଁ କ'ଣ ହେଲା କି ? ମମି କହିଲେ।

ସବୁବେଳେ ତ ମୋ ସାଥୀରେ ଖେଳେ ଆଜି ଯାଇ କାଇଁ ସେ ବବି ପାଖରେ ଖେଳିଲା ? ରାଗ ଗରଗର ହେଇ କହିଲା ପପୁଲ୍।

ମମି କହିଲେ – ହେଲା କ'ଣ ହେଲା ? ତୁ ବି ଖେଳିଲୁନି ତାଙ୍କ ସାଙ୍ଗରେ ?

ମୁଁ ତ ଗୁଡୁର ସାଙ୍ଗ । ବବି ସାଥୀରେ କାହିଁକି ଖେଳିବି ? ପପୁଲ୍‌ର ରାଗ କମି ନଥାଏ ।

'ବୁଦ୍ଧୁ ! ପପୁଲ୍, ବବି ଆଉ ଗୁଡୁ କ'ଣ ସାଙ୍ଗ ହେବନି ? ମମି ପପୁଲ୍‌କୁ ଗେଲ କରି କହିଲେ ।


'ନା...ନା... ହେବେନି । ଜମ୍ମା ହେବେନି । ଗୁଡୁ ମୋ ସାଙ୍ଗ ।' ପପୁଲ୍ ରାଗରେ କାନ୍ଦିଲା ।

ମମି ପପୁଲ୍‌କୁ ଗେଲ କରି ଚୁପ୍ କରେଇ ଦେଲେ । ସନ୍ଧ୍ୟାରେ ମମି ପପୁଲ୍‌କୁ ବଗିଚାରେ ବୁଲେଇ ଗଛ ଚିହ୍ନଉ ଥିଲେ । ଦେଖିଲ ପପୁଲ୍, କେତେ ସବୁ ଗଛ କେମିତି ସାଙ୍ଗ ହେଇ ସୁବବେଳେ ରହୁଛନ୍ତି ।'- ମମି କହିଲେ ।

କ'ଣ ସେମାନେ ବି ଆମ ପରି କଥା କହନ୍ତି ଆଉ ଜାଣି ପାରନ୍ତି ? ପଚାରିଲା ପପୁଲ୍ ।

ଆଉ କ'ଣ ? ନହେଲେ ସେମାନେ ବଢ଼ନ୍ତି, ପାଣି ପିଅନ୍ତି, ଆଉ ଫୁଲ,ଫଳ ଦିଅନ୍ତି କେମିତି ? ମମି କହିଲେ ।

'ତା ହେଲେ ମୋ କଥା ବି ଗଛ ବୁଝି ପାରୁଥିବ ? କହିଲା ପପୁଲ୍ ।



'ହଁ, ଗଛ ସବୁ ବୁଝେ । ବାସ୍ ଆମେ ତା'କଥା ବୁଝିପାରୁନା । ମମି କହିଲେ ।

ଦେଖ ତ ! ଗୋଲାପ ପାଖରେ ମଲ୍ଲି, ତା ପାଖେ ଲଙ୍କାଗଛ, ତା ପାଖେ ଆଉ ଗୋଟିଏ ଫୁଲଗଛ । କେତେ ସୁନ୍ଦର ହସିହସି ରହୁଛନ୍ତି । ମମି ପୁଣି କହିଲେ- 'କ'ଣ ସେମାନେ ବହୁତ ଭଲ ସାଙ୍ଗ ?

'ବେଷ୍ଟ ଫ୍ରେଣ୍ଡସ୍'କହିଲା ପପୁଲ୍ ।

'ଆଉ କ'ଣ ! ସେମାନେ ସମସ୍ତେ ବେଷ୍ଟ ଫ୍ରେଣ୍ଡସ୍' କହିଲେ ମମି ।

ଗୁଡୁ ଆଉ ମୋ ଭଳି ? ପପୁଲ୍ ମମିଙ୍କ ହାତକୁ ହଲେଇ ପଚାରିଲା ।

'ହଁ, ମମି ହସିହସି କହିଲେ ।


'ମମି ମୁଁ ଯାଉଛି ଗୁଡୁ ସାଥୀରେ ଖେଳିବି' ? କହିଲା ପପୁଲ୍ ।

'ହେଲେ ବବି ବି ତ ଥିବ' ? କହିଲେ ମମି ।

'ବବି, ପପୁଲ୍ ଓ ଗୁଡୁ ମିଶିକି ଖେଳିବେ ।' କହି ଦୌଡ଼ିଲା ପପୁଲ୍ ଖେଳିବାକୁ ।

😐😐😐





# ମଣିଷ ମିଛ କହି ଶିଖିଲା କାହିଁକି ?

ବହୁତ ଆଗରୁ ମଣିଷ ପିଲାମାନେ ଆଉ ପଶୁ ପକ୍ଷୀ ସମସ୍ତେ ଗୋଟିଏ ସ୍କୁଲରେ ପାଠ ପଢୁଥିଲେ। କଂକ୍ରିଟ ତିଆରି କୋଠାଘର ସେତେବେଳେ ନଥିଲା। ଯୋଉ ପିଲା ଆଉ ପଶୁମାନଙ୍କ ଇଛା ହେଲା ପାଠ ପଢୁ ଥିଲେ। ଯାହାର ଇଛା ନ ହେଉଥିଲା ସେମାନେ ଖେଳୁଥିଲେ। ଯାହାର ଯେତେବେଳେ ଇଛା ହଉଥିଲା ସେ ସେତେବେଳେ ପଢ଼ିବା ଆରମ୍ଭ କରୁଥିଲା। ସେ ସମୟରେ ଗଛ ମାନେ ହିଁ ସବୁଠାରୁ ବଡ଼ ଥିଲେ। ଧାଡ଼ି ଧାଡ଼ି ଗଛ ହାତ ଧରାଧରି ହେଇ ରାସ୍ତା ଦି ପାଖରେ ଥାଆନ୍ତି। ମାଟି ରାସ୍ତା ଥାଏ। ପାହାଡ଼ ଉପରେ ବି ଗଛମାନେ ଭାରି ଖୁସିରେ ଥାଆନ୍ତି। ଗାଡ଼ି, ମଟର ନଥାଏ, ବହୁତ ପ୍ରକାର ମେସିନ ନଥାଏ। ଫ୍ରିଜ ଆଉ ଏସି ବି ନଥାଏ। ତେଣୁ ଆମ

ପରିବେଷରୁ କାର୍ବନ ଡାଇଅକ୍ସାଇଡ୍ ନିଜ ଭିତରକୁ ଟାଣି ନେଇ ଅମ୍ଳଜାନ ଦେବା କାମଟି ସେମାନଙ୍କୁ କରିବା ଦରକାର ପଡୁନଥିଲା। ସେଥିପାଇଁ ସେମାନେ ଖୁସିରେ ଗୀତ ଗାଇ ଫୁଲ ଫଳରେ ଭ[illegible] ହୋଇ ରହୁଥିଲେ।

ଗଛ, ପଶୁ, ପକ୍ଷୀ, ମଣିଷ, ଗାଇ, ଛେଳି, କୁକୁର ଯାହା ଯାହା ଜୀବିତ ପ୍ରାଣୀ ଅଛନ୍ତି ସମସ୍ତେ କଥା ହେଇ ପାରୁଥିଲେ। ସମସ୍ତେ ଗୋଟିଏ ଭାଷାରେ କଥା ହଉଥାଆନ୍ତି।

ଖାଲି କ'ଣ ସେତିକି? ଆକାଶ, ମାଟି, ସୂର୍ଯ୍ୟ, ଚନ୍ଦ୍ର, ତାରା ସମସ୍ତେ କଥା ହୁଅନ୍ତି। କେହି କିଛି ଭୁଲ କଲେ ତାଗିଦ୍ ବି କରନ୍ତି।


ଗଛରେ ଏତେ ଫଳ ହୁଏ ଆଉ ଏତେ ବଡ଼ ବଡ଼ ହୁଏ ଯେ, ବାଘ, ସିଂହ ବି ଫଳ ଖାଇ ପେଟ ଭରି ଦିଅନ୍ତି। ଗଛରୁ ଫଳ ଖାଆନ୍ତି ଆଉ ନଦୀରୁ ପାଣି ପିଅନ୍ତି ଓ ସମସ୍ତେ ଖୁସିରେ ରୁହନ୍ତି। ମନ ଖୁସିରେ ସମସ୍ତେ ସବୁବେଳେ ଗୀତ ଗାଇ ଥାଆନ୍ତି। ଆମ ପୃଥିବୀ ଏହି ସବୁ ଦେଖି ବହୁତ ଶାନ୍ତିରେ ଥାଏ। ସବୁଆଡ଼େ ଶାନ୍ତି ହିଁ ଶାନ୍ତି।

ମଣିଷ ପିଲାମାନେ ସବୁବେଳେ ଚାଲାକ ଥାଆନ୍ତି। ନୂଆ କିଛି କରିବା ଇଚ୍ଛା ସେମାନଙ୍କର ପ୍ରବଳ ଥାଏ।

ପିଲାମାନେ ସମସ୍ତେ ଖୋଲା ପଡ଼ିଆରେ ଗଛତଳେ ବସି ପାଠ ପଢ଼ନ୍ତି। ଆକାଶ, ତାରା, ଜହ୍ନ ଏମାନେ ପାଠ ପଢ଼ାନ୍ତି। ସେମାନେ ହେଲେ ବହୁତ ଜ୍ଞାନର ଅଧିକାରୀ। ପୃଥିବୀରେ କେତେ ଜୀବଜନ୍ତୁ, ଗଛ, ମଣିଷ ଜନ୍ମ ନେଉଛନ୍ତି ପୁଣି ମରିଯାଉଛନ୍ତି। କିନ୍ତୁ ପୃଥିବ, ଆକାଶ, ତାରା, ଜହ୍ନ, ସୂର୍ଯ୍ୟ, ମେଘ ସେମିତି ଥାଆନ୍ତି। ସେମାନେ ବହୁତ ଜ୍ଞାନୀ।

ମେଘ ଦେଖନ୍ତି ଯେତେବେଳେ ପାଣି ଦରକାର ହୁଏ ସେତେବେଳେ ବର୍ଷା କରନ୍ତି। ସେତେବେଳେ ଆଜିର ଭଳି ବର୍ଷା ହେଇ ସବୁ ଭାସି ଯାଉନଥାଏ। ମେଘ ସୁନ୍ଦର ଭାବେ ବର୍ଷା ସାଥୀରେ ମିଶି ଗୀତ ଗାଇ ବର୍ଷା ହୁଏ।

ସୂର୍ଯ୍ୟ ଜାଣନ୍ତି କେତେ ଖରା ଦରକାର। ସେ ସେତିକି ହିଁ ଗରମ ଦିଅନ୍ତି। ଜମିରେ ଫସଲ ହୁଏ। ଗଛରେ ଫଳ ହୁଏ। ସେହି ଫଳ ସବୁ ବଢ଼ିବା ଆଉ ପାଚିବା ଉପରେ



ବର୍ଷା, ଖରା କେତେ ହେବ ସେଇଟା ନିର୍ଭର କରେ।

ନଦୀ ସମସ୍ତଙ୍କୁ ଗୀତ ଗାଇବା ଶିଖାଏ। ମେଘମାନେ ଶିଖାନ୍ତି ଚିତ୍ର କରିବା। ଆକାଶ ଇତିହାସ, ଭୂଗୋଳର ଜ୍ଞାନ ଦିଅନ୍ତି। ଜହ୍ନ ଭାଷା ଜ୍ଞାନ ଦିଅନ୍ତି। କୌଣସି ଜିନିଷକୁ ଗଣିବା ଓ ଗଣିତ ଜ୍ଞାନ ତ ଗଛମାନେ ଶିଖାଇ ଦିଅନ୍ତି। ବାକି ସବୁ ତାରାମାନେ ବି ଶିଖାନ୍ତି।

ଥରେ ଗୋଟିଏ କାମ ଆକାଶ ଓ ଜହ୍ନ, ମେଘ ଓ ତାରାମାନେ ମିଶି ପିଲାମାନଙ୍କୁ ଦେବାକୁ ଚାହିଁଲେ। ପରୀକ୍ଷା ନେବାକୁ ଚାହିଁଲେ। ସେଥିପାଇଁ ମଣିଷ ପିଲାମାନେ ଓ ପକ୍ଷୀମାନେ ଓ ପଶୁ ପିଲାମାନେ ସମସ୍ତଙ୍କୁ ଅଲଗା ଅଲଗା ଭାଗରେ ବିଭକ୍ତ କରିଦେଲେ। ତିନିଟି ସମୁହରେ ପରୀକ୍ଷା ହେବ। କିଏ ଭଲ କରିବ ଦେଖାଯିବ।

କାମ ଦିଆଗଲା। ଯେ ଯାହାର କାମରେ ଲାଗିଲେ। ନିର୍ଦ୍ଦିଷ୍ଟ ଦିନ ଆଗରୁ ମଣିଷ ପିଲାମାନେ ନିଜ କାମ ସାରି ଦେଇ ଅନ୍ୟମାନଙ୍କ କାମ ଦେଖିବାକୁ ବାହାନ ଖୋଜିଲେ।

ଲୁଚିଛପି କିଏ ଦେଖିବାକୁ ଚେଷ୍ଟା କଲା ତ କେହି ପକ୍ଷୀ ଓ ପଶୁମାନଙ୍କ ସାଥିରେ ସାଙ୍ଗ ହେବା ବାହାନାରେ ସବୁ ଜାଣିଗଲେ। ନିଜ କାମ ସେ ତୁଳନାରେ ଭଲ କରି ଦେଖେଇ ଦେଲେ।

ହେଲେ ଉପରୁ ଆକାଶ ସବୁ ଦେଖୁଥାଆନ୍ତି। ପରୀକ୍ଷା ଫଳ ବାହାରିବା ଦିନ ସେ ମଣିଷ ପିଲାମାନଙ୍କୁ ବହୁତ ଗାଳି କଲେ। ଆକାଶଙ୍କଠାରୁ ସବୁ ଜାଣି ମେଘ, ସୂର୍ଯ୍ୟ,

ତାରା, ଜହ୍ନ, ଗଛ, ନଦୀ ସମସ୍ତେ ବହୁତ ମନଦୁଃଖ କଲେ ଓ ରାଗିଲେ।

ପକ୍ଷୀ, ପଶୁ ସବୁ ରାଗି ମଣିଷ ପିଲାଙ୍କଠାରୁ ଦୂରରେ ରହିଲେ। ମେଘ ଏତେ ବର୍ଷା କଲେ ଯେ ନଦୀରେ ବନ୍ୟା ଆସିଲା। ସୂର୍ଯ୍ୟ ଏତେ ଗରମ କଲେ ଯେ ବଂଚିବା କଷ୍ଟ ହେଲା।

ତା'ପରଠାରୁ ପୃଥିବୀରେ ମଣିଷମାନେ ମିଛ କହିଲେ ଓ ସମସ୍ତଙ୍କ ଘୃଣାର ପାତ୍ର ହେଇଗଲେ। ଆଉ ସେ ଖୁସି ରହିଲାନି ଆଉ ସମସ୍ତେ ମିଶି ଗୀତ ଗାଇଲେନି।

